ବର୍ଷ-୨୫, ସଂଖ୍ୟା-୧୮୪
ଭୁବନେଶ୍ୱର
୧୧, ଜୁଲାଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 184
Bhubaneswar
11, July, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ସମଗ୍ର ପୂର୍ବ ଭାରତ ଭକ୍ତି, ଜ୍ଞାନ, ସଙ୍ଗୀତ, ଗବେଷଣା ଏବଂ ବିପ୍ଳବର ଭୂମି : ଶାହା



ରାଂଚି, ୧୦।୭(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଝାଡ଼ଖଣ୍ଡର ରାଂଚିରେ ପୂର୍ବ କ୍ଷେତ୍ରୀୟ ପରିଷଦର ୨୭ତମ ବୈଠକରେ ଅଧକ୍ଷତା କରିଛନ୍ତି। ଏହି ବୈଠକରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ଚାନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସଦସ୍ୟ ରାଜ୍ୟ ଗୁଡ଼ିକର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଅପରେସନ ସିନ୍ଦୁରରେ ଆମ ସେନା ସମଗ୍ର ବିଶ୍ୱକୁ ନିଜର ବୀରତ୍ୱ ଏବଂ ସାହସିକତାର ଅନୁଭବ କରାଇଛନ୍ତି ଏବଂ ସେମାନଙ୍କ ସାହସ ଏବଂ ବୀରତ୍ୱ ପାଇଁ ପୂର୍ବାଂଚଳ କ୍ଷେତ୍ରୀୟ ପରିଷଦ ସର୍ବସମ୍ମତିକ୍ରମେ ଏକ ଧନ୍ୟବାଦ ପ୍ରସ୍ତାବ ପାରିତ କରିଛି।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଝାଡ଼ଖଣ୍ଡର ଭୂମି ଦେଶର ସ୍ୱାଧୀନତା ସଂଗ୍ରାମରେ ବହୁତ ଯୋଗଦାନ ଦେଇଛି ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ସମେତ ଅନେକ ମହାନ ସ୍ୱାଧୀନତା ସଂଗ୍ରାମୀ ଏହି ଭୂମିରୁ ଦେଶର ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ଶ୍ରୀ ଶାହ କହିଥିଲେ ଯେ ସ୍ୱାମୀ ବିବେକାନନ୍ଦ, ବିର୍ସା ମୁଣ୍ଡା ଜୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡ. ରାଜେନ୍ଦ୍ର ପ୍ରସାଦ, ବାବୁ ଜଗଜୀବନ ରାମଙ୍କ ସମେତ ଅନେକ ମହାନ ବ୍ୟକ୍ତିତ୍ୱ ଏହି ଭୂମିରୁ ଅନେକ କ୍ଷେତ୍ରରେ ଦେଶର ନେତୃତ୍ୱ ନେଇଛନ୍ତି।

ଅମିତ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସମବାୟ ସଂଘୀୟ ବ୍ୟବସ୍ଥା ଆଧାରରେ ଟିମ୍ ଭାରତର ପରିକଳ୍ପନାକୁ ଦେଶ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ସେ କହିଥିଲେ ଯେ ଟିମ୍ ଭାରତ ପରିକଳ୍ପନା ଅଧୀନରେ, ରାଜ୍ୟଗୁଡ଼ିକର ବିକାଶ ମାଧ୍ୟମରେ ଭାରତର ବିକାଶ ଲକ୍ଷ୍ୟ ହାସଲ କରିବା ଏବଂ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଆମେ ସମସ୍ତେ ମିଳିତ ଭାବେ ଆଗକୁ ବଢ଼ିବା ଉଚିତ।

ଶ୍ରୀ ଶାହ କହିଥିଲେ ଯେ ୨୦୦୪ରୁ ୨୦୧୪ ମଧ୍ୟରେ ମୋଟ ୨୫ଟି କ୍ଷେତ୍ରୀୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୨୦୧୪ରୁ ୨୦୨୫ ମଧ୍ୟରେ ଏହି ସଂଖ୍ୟା ୬୩ରେ ପହଂଚିଛି, ଯାହାକି ଦୁଇଗୁଣରୁ ଅଧିକ। ସେ କହିଥିଲେ ଯେ ଆମେ ବର୍ଷକୁ ହାରାହାରି ୨ରୁ ୩ଟି ବୈଠକରୁ ବର୍ଷକୁ ହାରାହାରି ୬ଟି ବୈଠକ କରିବା ଦିଗରେ ଅଗ୍ରସର ହୋଇଛୁ। ଶ୍ରୀ ଶାହ କହିଥିଲେ ଯେ ଏହି ବୈଠକଗୁଡ଼ିକରେ ମୋଟ ୧୫୮୦ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରୁ ୧୨୮୭ଟି, ଅର୍ଥାତ୍ ୮୩ ପ୍ରତିଶତ, ସମସ୍ୟାର ସମାଧାନ କରାଯାଇଛି।

ଆଜିର ବୈଠକରେ ମସଞ୍ଜୋର ଡ୍ୟାମ, ତାଇୟାବପୁର ବ୍ୟାରେଜ ଏବଂ ଇନ୍ଦ୍ରପୁରୀ ଜଳଭଣ୍ଡାର ସହ ଜଡ଼ିତ ଦୀର୍ଘ ଦିନରୁ ଲାଗି ରହିଥିବା ଜଟିଳ ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହା ସହିତ, ବିହାର ଏବଂ ଝାଡ଼ଖଣ୍ଡ ରାଜ୍ୟ ମଧ୍ୟରେ ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସୟୁ) ର ସମ୍ପତ୍ତି ଏବଂ ଦାୟିତ୍ୱର ବିଭାଜନ ସମ୍ବନ୍ଧୀୟ ପ୍ରସଙ୍ଗ, ଯାହା ବିହାର ବିଭାଜନ ସମୟରୁ ବିଚାରାଧୀନ ଥିଲା, ସେ ବିଷୟରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ଏବଂ ଏହାର ସମାଧାନ ଦିଗରେ ପାରସ୍ପରିକ ସହମତିରେ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ପୂର୍ବ ରାଜ୍ୟଗୁଡିକ ତିନୋଟି ନୂତନ ଅପରାଧିକ ଆଇନର ଶୀଘ୍ର କାର୍ଯ୍ୟକାରିତା ଦିଗରେ ଅଧିକ ପ୍ରୟାସ କରିବା ଉଚିତ୍।

ଶାହ କହିଥିଲେ ଯେ ସମସ୍ତ ରାଜ୍ୟର ଏକତା ଏବଂ ସୁରକ୍ଷା ବାହିନୀର ସାହସିକତା କାରଣରୁ ଆମେ ନକ୍ସଲବାଦ ବିରୋଧରେ ଅଭୂତପୂର୍ବ ସଫଳତା ହାସଲ କରିଛୁ, ୨୦୨୬ମସିହା ମାର୍ଚ୍ଚ ୩୧ ସୁଦ୍ଧା ଆମେ ଦେଶକୁ ନକ୍ସଲବାଦରୁ ମୁକ୍ତ କରିଦେବୁ। ସେ କହିଥିଲେ ଯେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶା ବ୍ୟାପକ ଭାବେ ନକ୍ସଲବାଦରୁ ମୁକ୍ତ ହୋଇଥିବାବେଳେ ପଶ୍ଚିମବଙ୍ଗ ଏହି ସମସ୍ୟାରୁ ମୁକ୍ତ ହୋଇସାରିଛି।

ରାଜ୍ୟ ପୁନର୍ଗଠନ ଅଧିନିୟମ, ୧୯୫୬ ର ଧାରା ୧୫ ରୁ ୨୨ ଅନୁଯାୟୀ ପାଂଚଟି ଆଂଚଳିକ ପରିଷଦ ପ୍ରତିଷ୍ଠା କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପାଂଚଟି କ୍ଷେତ୍ରୀୟ ପରିଷଦର ଅଧକ୍ଷ ଏବଂ ସଦସ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ମୁଖ୍ୟମନ୍ତ୍ରୀ/ଲେଫ୍ଟନାଣ୍ଟ ଗଭର୍ଣ୍ଣର/ପ୍ରଶାସକ ଏହାର ସଦସ୍ୟ, ଯେଉଁମାନଙ୍କ ମଧ୍ୟରୁ ସଦସ୍ୟ ରାଜ୍ୟରୁ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଉପାଧକ୍ଷ ହୋଇଥାନ୍ତି।

## ମୋବାଇଲ୍ ସେବା, ବ୍ୟାଙ୍କ ଶାଖା ମାଗିଲେ ମୋହନ

ଭୁବନେଶ୍ୱର, ୧୦।୭(ମହାଭାରତ) : ଆଜି ରାଞ୍ଚିରେ ଅନୁଷ୍ଠିତ ୨୭ତମ ଇଷ୍ଟର୍ଣ୍ଣ ଜୋନାଲ କାଉନସିଲ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଫେରି ଆସିଛନ୍ତି। ଭୁବନେଶ୍ୱର ଫେରିବା ପରେ ବିମାନ ବନ୍ଦର ଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତା ବର୍ଷ ୨୮ତମ ଇଷ୍ଟର୍ଣ୍ଣ ଜୋନାଲ କାଉନସିଲ ବୈଠକ ଓଡ଼ିଶାରେ ଅନୁଷ୍ଠିତ ହେବ ଏବଂ ପୁରୀରେ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆସନ୍ତା ବର୍ଷ ଏହି ବୈଠକ ଓଡ଼ିଶାରେ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଏହାକୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଏବଂ ଅନ୍ୟ ସମସ୍ତ ସଦସ୍ୟଗଣ ଗ୍ରହଣ କରିଥିଲେ। ଏହା ପୁରୀରେ ଅନୁଷ୍ଠିତ ହେବ ବୋଲି ବୈଠକରେ ଘୋଷଣା କରାଯାଇଥିଲା।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଓଡ଼ିଶାକୁ ନେଇ ଏହି ବୈଠକ ସଫଳତାର ସହ ସମାପ୍ତ ହୋଇଛି। ଏଥିରେ ବିଶେଷ କରି ଏହି ଅଞ୍ଚଳର ସାମାଜିକ, ଆର୍ଥିକ ବିକାଶ କିପରି ତ୍ୱରାନ୍ୱିତ ହେବ, ଯୋଜନା ଗୁଡ଼ିକ କିପରି ଅପହଞ୍ଚ ଅଞ୍ଚଳରେ ପହଞ୍ଚିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ଲକ୍ଷ୍ୟ ପୂରଣରେ ଏହି ସବୁ ରାଜ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜର ପ୍ରତ୍ୟେକ ବର୍ଗଙ୍କ ଉନ୍ନତିରେ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ସଫଳ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଦୂର କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଗୁରୁତ୍ୱ ଦେଇ ଆସିଛନ୍ତି ଏବଂ ଏହି ବୈଠକରେ ମଧ୍ୟ ନକ୍ସଲ ସମସ୍ୟାର ସମାଧାନର ବିଭିନ୍ନ ପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଏ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ବ୍ୟାପକ ସଫଳତା ହାସଲ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଯେଉଁପରି ଭାବରେ ଏହି ସମସ୍ୟାର ସମାଧାନ ପାଇଁ ଫୋକସ୍ ରଖି ପଦକ୍ଷେପ ନେଉଛନ୍ତି, ସେଥିପାଇଁ ବୈଠକରେ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଆୟୁଷ୍ମାନ ଭାରତ ଯୋଜନାର ସୁବିଧା ଯେପରି ସମସ୍ତଙ୍କ ପାଖରେ ପହଞ୍ଚିବ ଏବଂ ସମସ୍ତ ହିତାଧିକାରୀ ଏହାର ସୁବିଧା ପାଇବେ ସେ ସମ୍ପର୍କରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଯୋଜନାର ସଫଳତା ସମ୍ପର୍କରେ ମଧ୍ୟ ବୈଠକରେ ସେ ଆଲୋକପାତ କରିଥିଲେ ବୋଲି କହିଥିଲେ। ମହିଳାଙ୍କ ସଶକ୍ତିକରଣ, ଶ୍ରୀଅନ୍ନ ଯୋଜନାର ସଫଳତା, ଆୟୁଷ୍ମାନ ଭାରତ ଯୋଜନାର ସଫଳତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦିଆଯାଇଥିଲା।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଯୋଗ ଦେଇଥିଲେ । ରାଞ୍ଚିରୁ ଫେରିବା ପରେ ବିମାନ ବନ୍ଦରରେ ଅନେକ ବିଧାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ।

# ଆଜି କଂଗ୍ରେସର ସମ୍ବିଧାନ ବଞ୍ଚାଓ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୦।୭(ମହାଭାରତ):** ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ କଂଗ୍ରେସ ନେତା ତଥା ବିରୋଧୀ ଦଳର ନେତା ତଥା ରାହୁଲ ଗାନ୍ଧୀ। ଭୁବନେଶ୍ୱର ବରମୁଣ୍ଡା

## ଆସୁଛନ୍ତି ରାହୁଲ ଗାନ୍ଧୀ



ପଡିଆରେ କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବିଧାନ ବଂଚାଅ କାର୍ଯ୍ୟକ୍ରମରେ ରାହୁଲ ଯୋଗଦେବେ। ରାହୁଲଙ୍କ ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ଼ଗେ ଏବଂ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ପରେ ପିସିସି ଅଫିସରେ ଦଳର କିଛି ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବେ ରାହୁଲ। ତେବେ ଆନ୍ଦୋଳନ କରୁଥିବା ଓଡ଼ିଶା ଡ୍ରାଇଭର ମହାଂଘ ପକ୍ଷରୁ କେବଳ କଂଗ୍ରେସ ଛାଡ଼ିବାକୁ ନିଷ୍ପତ୍ତି ନେଇଛି।

ରାହୁଲଙ୍କ ଓଡିଶା ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏସମ୍ପର୍କରେ ସଚଚନା ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ସୁରକ୍ଷାରେ ୫୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଭୁବନେଶ୍ୱର ଏୟାର ପୋର୍ଟରୁ ବରମୁଣ୍ଡା ପଡିଆ, କଂଗ୍ରେସ ଭବନ ଓ ମେ ଫେୟାରରେ କଡା ସୁରକ୍ଷା ବ୍ୟବସ୍ଥା କରାଯିବ। ସେଥିପାଇଁ ଆଜି କମିସନରେଟ ପୋଲିସ କାରକେଡ଼ ରିହଲସଲ କରିଛି। ୪ଜଣ ଡିସିପି ରାଙ୍କର ଅଫିସର, ୧୦ଅତିରିକ୍ତ ଡିସିପି, ୨୪ଏସିପି, ୩୪ଆଇଆଇସି ଏବଂ ୭୦ଜଣ ଅନ୍ୟ ପୋଲିସ କର୍ମଚାରୀ ମାନେ ନିୟୋଜିତ ରହିବେ। ରାହୁଲ ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମ ଲାଗି କିଛି ସମୟ ଟ୍ରାଫିକ କଟକଣା ରହିବ।

# କଳାବଜାରି କଲେ ଦୃଢ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୦।୭(ମହାଭାରତ): ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭିନ୍ନ ସଂଗଠନର ମୁଖ୍ୟଙ୍କ ସହିତ ଆଲୋଚନା କରିଛନ୍ତି ଲୋକ ସେବା ଭବନରେ ବସିଥିବା ବୈଠକରେ ପେଟ୍ରୋଲ ଏବଂ ଡିଜେଲ ଯୋଗାଣ ନେଇ ଆଲୋଚନା କରିଛନ୍ତି ଯୋଗାଣ ମନ୍ତ୍ରୀ । କେହି ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟରେ ଦିନକୁ ୬ଶହ ଟ୍ୟାଙ୍କର ତେଲ ଆବଶ୍ୟକତା ଥିବା ବେଳେ ବିଭିନ୍ନ ସ୍ଥାନକୁ ତୈଳ ଯୋଗାଣ କରାଯାଉଛି ଡ୍ରାଇଭରମାନଙ୍କ ସହିତ ଆଲୋଚନା ଚାଲିଥିବା କହିଛନ୍ତି ଯୋଗାଣ ମନ୍ତ୍ରୀ।



ଗତକାଲି ଭୁବନେଶ୍ୱରକୁ ୧୫୦ ଟ୍ୟାଙ୍କର ଆସିଛି । କଟକକୁ ମଧ୍ୟ ୭୬ ଟ୍ୟାଙ୍କର ତେଲ ଆସିଛି । ସବୁ ସହରକୁ ତେଲ ପଠାଇବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ତେଣୁ ତେଲ ପାଇଁ ସାଧାରଣ ଖାଉଟି ପ୍ୟାନିକ ହୁଅନ୍ତୁ ନାହିଁ ବୋଲି ଅପିଲ କଲେ ଖାଉଟି କଲ୍ୟାଣ ମନ୍ତ୍ରୀ । ଯଥେଷ୍ଟ ପରିମାଣରେ ତେଲ ଅଛି । ଅଫିସର ମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସବୁ ତେଲ କମ୍ପାନୀର ଅଫିସର ମାନଙ୍କୁ ୧୧ଟା ବେଳେ ବୈଠକ ପାଇଁ ଡକାଯାଇଛି । ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ । ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ସରକାର ଯଥାଶୀଘ୍ର ସମାଧାନ କରିବାକୁ ଚାହୁଁଛନ୍ତି । ବିଭାଗୀୟ ମନ୍ତ୍ରୀ ମଧ୍ୟ ସେମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ତେଲର କୃତ୍ରିମ ଅଭାବ ସୃଷ୍ଟି ନକରିବାକୁ ଅନୁରୋଧ କରିଛନ୍ତି ଉତ୍କଳ ପେଟ୍ରୋଲିୟମ ସଂଘ ସମ୍ପାଦକ । ସେ କହିଛନ୍ତି ଯେ, ପ୍ରଥମ ଓ ଦ୍ୱିତୀୟ ଦିନ ପଡିଥିଲା ପ୍ରଭାବ, ଦୁଇଦିନ ପାଇଁ ତେଲ ଗଚ୍ଛିତ ରହିଥିଲା । ଗତକାଲି ୪ଟି ଡିପୋରୁ ୧୦୦ ଏବଂ ଆଜି ପ୍ରାୟ ୧୫୦ ତୈଳ ବୋଝେଇ ଟ୍ରକ ବାହାରି ସାରିଛନ୍ତି । ଡ୍ରାଇଭର ଷ୍ଟିଅରିଂ ଛାଡ଼ ଡାକରା ଦେଇଥିଲେ ଓ କହିଥିଲେ ଜରୁରୀକାଳୀନ ସେବାକୁ ଏହି ଷ୍ଟ୍ରାଇକରୁ ବାଦ୍ ଦିଆଯିବ ତେଣୁ ଡ୍ରାଇଭରଙ୍କୁ ଅନୁରୋଧ କରିଛନ୍ତି ଉତ୍କଳ ପେଟ୍ରୋଲିୟମ ସଂଘ ସମ୍ପାଦକ ସଞ୍ଜୟ ଲାଠ । ନିଜ ତରଫରୁ ଡ୍ରାଇଭର ମହାସଂଘ ପକ୍ଷରୁ ତୈଳ ବୋଝେଇ ଗାଡିର ଡ୍ରାଇଭର ମାନଙ୍କୁ କାମକୁ ଫେରିବାକୁ ବୁଝାନ୍ତୁ ବୋଲି ଅନୁରୋଧ ମଧ୍ୟ କରିଛନ୍ତି । ସେ କହିଛନ୍ତି କିଛି ପେଟ୍ରୋଲ ଟାଙ୍କିରୁ ଆଜି ତେଲ ସରିଯାଇପାରେ କିନ୍ତୁ ପରିବହନ ଆରମ୍ଭ ହୋଇ ସାରିଛି । ସବୁ ଟାଙ୍କିରେ ପ୍ରାୟ ଚାରିଦିନର ତେଲ ଗଚ୍ଛିତ ରୁହେ । ପ୍ରତିଦିନର ବିକ୍ରି ଅନୁସାରେ ଆଜି ସନ୍ଧ୍ୟା ସୁଦ୍ଧା ତେଲ ପହଞ୍ଚିଯିବ । ଭୁବନେଶ୍ୱରରେ ୪୨ ଟି ତେଲ ଟାଙ୍କିରୁ ମାତ୍ର ୨-୩ ଟି ଟାଙ୍କିରୁ ତେଲ ସରିଛି। ସାରା ଓଡ଼ିଶାରେ ୩୧୦୦ ପାଖାପାଖି ପେଟ୍ରୋଲ ଟ୍ୟାଙ୍କ ରହିଛି । ପ୍ରତିଦିନ ଭୁବନେଶ୍ୱରରେ କେବଳ ୩ ଲକ୍ଷ ୧୨୦୦୦ ଲିଟର ପେଟ୍ରୋଲ ଏବଂ ୨ ଲକ୍ଷ ୧୫ ହଜାର ଲିଟର ଡିଜେଲ ବିକ୍ରି ପାଇଁ ଆବଶ୍ୟକ ହୁଏ । ସମ୍ପୂର୍ଣ୍ଣ ଓଡ଼ିଶାରେ ୩୬ ଲକ୍ଷ ଲିଟର ପେଟ୍ରୋଲ ଏବଂ ୮୫ ଲକ୍ଷ ଲିଟର ଡିଜେଲ ଆବଶ୍ୟକ ହୁଏ । ଦୂର ଦୁରାନ୍ତର ଯାଗାକୁ ପେଟ୍ରୋଲ ଡିଜେଲ ପହଞ୍ଚିବା ପାଇଁ ସମୟ ଲାଗିବ ତେଣୁ ଆବଶ୍ୟକତା ଅନୁସାରେ ତେଲ ନେବାକୁ ଗ୍ରାହକଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି ସଞ୍ଜୟ ଲାଠ ।

## ପୁରୀ ଦଳାଚକଟା ଘଟଣାର ସାକ୍ଷ୍ୟ ଗ୍ରହଣ

ପୁରୀ, ୧୦।୭(**ମହାଭାରତ**): ରାଜ୍ୟ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଗତ ଜୁନ୍ ୨୯ ତାରିଖରେ ଦଳାଚକଟା ଯୋଗୁଁ ତିନିଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏ ସମ୍ବନ୍ଧରେ ଦଦନ୍ତ ଜାରି ରହିଥିବା ବେଳେ ଆଜି ପୁରୀ ସ୍ଥିତ ସ୍ୱତନ୍ତ୍ର ପ୍ରଦକ୍ଷିଣ ଭବନ (ସ୍ପେଶାଲ ସର୍କିଟ ହାଉସ) ଠାରେ ହୋଇଥିବା ସାର୍ବଜନୀନ ସାକ୍ଷ୍ୟ ଗ୍ରହଣରେ ୪୮ଜଣ ବ୍ୟକ୍ତି/ ଅନୁଷ୍ଠାନମାନେ ଉନ୍ନୟନ କମିଶନରଙ୍କୁ ସାକ୍ଷାତ କରି ସେମାନଙ୍କର ସାକ୍ଷ୍ୟ ପ୍ରଦାନ କରି ତଥ୍ୟ ଉପସ୍ଥାପନ କରିଛନ୍ତି ଓ ଏହାକୁ ରେକର୍ଡ ଭୁକ୍ତ କରାଯାଇଛି। ସାକ୍ଷ୍ୟ ଗ୍ରହଣ ଦେଇଥିବା କିଛି ବ୍ୟକ୍ତି ପୋଲିସ ଉପସ୍ଥିତି ନ ରହିବାକୁ ଦୋଷ ଦେଇଛନ୍ତି। ଗତକାଲି ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନଠାରେ ଉନ୍ନୟନ କମିଶନର ୧୭ ଜଣ ବ୍ୟକ୍ତି / ଅନୁଷ୍ଠାନମାନଙ୍କ ଠାରୁ ଏ ସଂପର୍କରେ ସାକ୍ଷ୍ୟ ଗ୍ରହଣ କରିଥିଲେ ଏବଂ ସେସବୁ ମଧ୍ୟ ରେକର୍ଡ କରାଯାଇଛି।

# ଚକାଜାମ୍ : ସବୁଆଡ଼େ ହାହାକାର ସ୍ଥିତି

**ଭୁବନେଶ୍ୱର,୧୦।୭(ମହାଭାରତ):** ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ପେଟ୍ରୋଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଏକପ୍ରକାର ଠପ୍ ହୋଇପଡିଛି । ଘରୋଇ ବସ୍ ଚଳାଚଳ କରୁନଥିବାରୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ୬ ଦଫା ଦାବି ପୂରଣ ଜିଦରେ ଅଟଳ ଓଡ଼ିଶା ଡ୍ରାଇଭର ମହାସଂଘ । ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ବି ଆନ୍ଦୋଳନ ଜାରି ରହିଛି । ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଆଶା କରୁଛି ଡ୍ରାଇଭର ସଂଘ ।ଏହାର ପ୍ରଭାବ ସାରା ଓଡ଼ିଶାରେ ପଡ଼ିଛି। ଡ୍ରାଇଭର ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଥିବା ବେଳେ ଏହାର ପ୍ରଭାବ ଏବେ ସାଧାରଣ ପରିବହନ ଉପରେ ପରିଲକ୍ଷିତ ହୋଇଛି। ଏପରିକି ପେଟ୍ରୋଲ ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ କିଛି ସ୍ଥାନରେ ଦେଖାଦେଇଛି ।ସେପଟେ ରାଜ୍ୟ ସରକାର ସ୍ଥିତିରେ ସମୀକ୍ଷା କରିବା ସହିତ ପୋଲିସ ସୁରକ୍ଷାରେ ପେଟ୍ରୋଲ ଡିଜେଲ ପରିବହନ କରାଯାଉଛି ।ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ। କିଛି ସ୍ଥାନରେ ପେଟ୍ରୋଲ ଷ୍ଟକ ଶେଷ ଲେଖାଯାଇଛି ବାଡ଼ ପକାଇ ବନ୍ଦ କରି ଦିଆଯାଇଛି। ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖାଦେଇଛି। ସେହିପରି ରାଜ୍ୟର ପରିବା ମଣ୍ଡି ଗୁଡ଼ିକରେ ମଧ୍ୟ ଦେଖାଦେଇଛି ଅଭାବ। ଏମିତିବି ବର୍ଷା ଦିନେ ପରିବା ମାର୍କେଟ ହାଇ ସେଥିରେ ପୁଣି ଟ୍ରକ ଆସୁନଥିବାରୁ ଦର ଆହୁରି ବଢ଼ିଲାଣି ।ଡ୍ରାଇଭର ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଥିବା ବେଳେ ଆଜି ଲୋକଙ୍କ ହୀନସ୍ତା ମଧ୍ୟ ଦୁଇ ଗୁଣା ହୋଇଛି।

ଭୁବନେଶ୍ୱର ବରମୁଣ୍ଡା ବସ୍ ଷ୍ଟାଣ୍ଡକୁ ଲୋକେ ପହଞ୍ଚିବା ବେଳେ



ବସ୍ ସିନା ଅଛି କିନ୍ତୁ ଚକା ଗଡୁନି। ତେଣୁ ବାହାର ରାଜ୍ୟକୁ ଯିବା ପାଇଁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ସେହିପରି ଟ୍ରେନରେ ଓହ୍ଲାଉଥିବା ଲୋକେ ମଧ୍ୟ ନିଜ ଘରକୁ ଯାଇପାରୁ ନାହାନ୍ତି। ସେହିପରି ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ମଧ୍ୟ ଲୋକେ ହଇରାଣ ହେଉଥିବା ଦେଖାଯାଇଛି। ବସ୍ ଟ୍ରକ ଚଳାଚଳ ବନ୍ଦ ରହିବା କାରଣରୁ ଲୋକଙ୍କ କଷ୍ଟ ବଢ଼ିବାରେ ଲାଗିଛି।

ପୋଲିସ ପାଟ୍ରୋଲିଂରେ ଯାଉଛି ଟ୍ୟାଙ୍କର ସାଲେପୁର-କଟକ ରାସ୍ତାରେ ଅଟକି ଥିବା ଟ୍ୟାଙ୍କରଗୁଡ଼ିକୁ ପୋଲିସ ଏସକର୍ଡରେ ନିଆଯାଉଛି। ସେହିପରି ବାଲେଶ୍ୱର, ଝାରସୁଗୁଡ଼ାରେ ମଧ୍ୟ ପୋଲିସ ଏସକର୍ଟରେ ଟ୍ୟାଙ୍କର ଗୁଡ଼ିକୁ ନିଆଯାଉଛି। ପାରାଦ୍ୱୀପର ଏଚପିସିଏଲ , ବିପିସିଏଲ , ଇଣ୍ଡିଆନ ଅଏଲ ତେଲ ଟର୍ମିନାଲ ରେ ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ଟ୍ୟାଙ୍କର ଅଟକି ରହିଛି ।ଅବଶ୍ୟ ଜିଲ୍ଲା ପ୍ରଶାସନ ଓ ପୋଲିସ ସହଯୋଗରେ କିଛି ଟ୍ୟାଙ୍କର ଗନ୍ତବ୍ୟସ୍ଥଳକୁ ଯାଇଛି ।ସେପଟେ ଏହିସମୟରେ ଯାଆସ କରୁଥିବା ଟ୍ୟାଙ୍କରଗୁଡ଼ିକୁ କିଛି ସ୍ଥାନରେ ଆନ୍ଦୋଳନକାରୀ ଆକ୍ରମଣ କରୁଥିବା ଖବର ଆସୁଛି। ଆଉ କିଛି ସ୍ଥାନରେ ଗୋଡ଼ତଳେ ପଡ଼ି ଗାଡ଼ି ମଟର ବନ୍ଦ କରିବାକୁ ଦାବି କରିଛନ୍ତି ଆନ୍ଦୋଳନକାରୀ ଡ୍ରାଇଭର ସଂଘରେ ଫାଟ ସୃଷ୍ଟି ପାଇଁ ଚେଷ୍ଟା କରାଯାଉଛି ବୋଲି ସଂଘର ସଦସ୍ୟ କହିଛନ୍ତି।

ଡ୍ରାଇଭର ଆନ୍ଦୋଳନର ପ୍ରଭାବ ସିଧାସଳଖ ହାଣ୍ଡିଶାଳରେ ପଡିଲାଣି ।ଲମ୍ବା ଧାଡିରେ ସିଲିଣ୍ଡର ବୋଝେଇ ଗାଡି ଛିଡା ହୋଇଛି। କିନ୍ତୁ ୩ ଦିନ ହେବ ଆଗକୁ ବଢୁନି। ଗ୍ୟାସ୍ ପାଇଁ ବୁକିଂ ହେଉଛି, କିନ୍ତୁ ହିତାଧିକାରୀଙ୍କ ଠିକଣାରେ ପହଞ୍ଚି ପାରୁନି। ଗାଡି ଡ୍ରାଇଭର ଆସୁନଥିବାରୁ ଏଲପିଜି ଡିପୋରୁ ମଧ୍ୟ ଗାଡି ଆସୁନି। ଗ୍ୟାସ୍ ସଙ୍କଟ ପାଇଁ କେଉଁଠି ରୋଷେଇ ବନ୍ଦ ହେଲାଣି ତ ପୁଣି କେଉଁଠି ହୋଟେଲରେ ପଡିଲାଣି ତାଲା। ଉପଭୋକ୍ତା ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି ଦାବି କରିଛି ବିତରକ ସଂସ୍ଥା। ସରକାର ଓ ଡ୍ରାଇଭର ସଂଘ ମଧ୍ୟରେ ଆଲୋଚନାରୁ ଏଯାଏଁ କୌଣସି ନିଷ୍କର୍ଷ ବାହାରିନି ।ସରକାର ପେଟ୍ରୋଲ ଭଳି ଏଲପିଜି ପାଇଁ ଆଗୁଆ। ପଦକ୍ଷେପ ନନେଲେ ଆଗକୁ ଉତ୍କଟ ସ୍ଥିତି ଦେଖିବାକୁ ମିଳିପାରେ ।

## ୧୨ରେ ଓଡ଼ିଶା ଫେରିବେ ନବୀନ

**ଭୁବନେଶ୍ୱର,୧୦।୭(ମହାଭାରତ) :** ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଲା ପରେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆସନ୍ତା ୧୨ ତାରିଖରେ ଓଡ଼ିଶା ଫେରିବେ। ସେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପରାହ୍ଣ ୧ଟାରେ ପହଞ୍ଚିବେ। ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନବୀନ ଗତ ୭ ତାରିଖ ଦିନ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ଚିକିତ୍ସାରେ ଉତ୍ସର୍ଗୀକୃତ ସେବା ପାଇଁ ସେ ହସ୍ପିଟାଲର ସମସ୍ତ ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଓଡ଼ିଶାବାସୀ, ଶୁଭେଚ୍ଛୁଙ୍କ ସମେତ ସଭିଙ୍କ ଶୁଭେଚ୍ଛା ବାର୍ତ୍ତା ଓ ମଙ୍ଗଳ କାମନା ପାଇଁ ସେ କୃତଜ୍ଞତା ଜଣାଇଛନ୍ତି।

## ଅଭିନେତା ପାର୍ଥସାରଥୀ ଗିରଫ

**ଭୁବନେଶ୍ୱର, ୧୦।୭(ମହାଭାରତ):** ଓଲିଉଡ୍ ଅଭିନେତା ପାର୍ଥସାରଥୀ ରାୟ ଗିରଫ ହୋଇଛନ୍ତି। ଏନ୍‌ବିଡବ୍ଲ୍ୟୁ ଆଧାରରେ ବଡଗଡ଼ ଥାନା ପୋଲିସ ତାଙ୍କୁ ଗିରଫ କରିଛି। କୋର୍ଟ ନିୟମ ଖିଲାପ କରିଥିବାରୁ ଗିରଫ ନିର୍ଦ୍ଦେଶ ଦେଇଥିଲେ ଜେଏମ୍‌ଏଫ୍‌ସି କୋର୍ଟ। ପାର୍ଥଙ୍କ ବିରୋଧରେ ଜାରି ହୋଇଥିଲା ଜାମିନବିହୀନ ଗିରଫ ପରୱାନା। ତେଣୁ ପୋଲିସ ପାର୍ଥଙ୍କୁ ଏବେ ଗିରଫ କରିଛି। ଏନବିଡବ୍ଲ୍ୟୁ ବଳରେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଓଡ଼ିଆ ଟେଲିଭିଜନ ଆଗଧାଡ଼ିର ନାୟକ ହେଉଛନ୍ତି ପାର୍ଥ । ସେ ଅନେକ ଧାରାବାହିକରେ ଅଭିନୟ କରିଛନ୍ତି। ତା' ସହ କିଛି ଚଳଚ୍ଚିତ୍ରରେ ମଧ୍ୟ ତାଙ୍କ ଅଭିନୟ ଦେଖିବାକୁ ମିଳିଛି।

ପାର୍ଥଙ୍କ ବିରୋଧରେ ହତ୍ୟା ଧମକ ଓ ଭିଡିଓ ଭାଇରାଲ ଭଳି ସଙ୍ଗୀନ ଅଭିଯୋଗ ଆସିଥିଲା। ଖାରବେଳ ନଗର ଥାନାରେ ଦୀର୍ଘ ଦିନ ଧରି ଅଭିଯୋଗ ହୋଇଥିଲା।

# ବିହାରରେ ଜାରି ରହିବ ଭୋଟର ତାଲିକା ସଂଶୋଧନ

ନୂଆଦିଲ୍ଲୀ, ୧୦।୭(ମହାଭାରତ): ବିହାରରେ ଭୋଟର ତାଲିକା ସମୀକ୍ଷା ଜାରି ରହିବ। ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟରୁ ସବୁଜ ସଙ୍କେତ ମିଳିଛି। ଗୁରୁବାର ଦିନ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ଏହି ପ୍ରକ୍ରିୟା ବନ୍ଦ କରିବାକୁ ମନା କରିଦେଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉଛି। ନିର୍ବାଚନ କମିଶନ ଏକ ସାମ୍ବିଧାନିକ ପ୍ରାଧିକରଣ। ଆମେ ଏହାକୁ ପ୍ରକ୍ରିୟା ଚଳାଇବାରୁ ବାରଣ କରିବୁ ନାହିଁ। କୋର୍ଟର ଏହି ନିଷ୍ପତ୍ତି ବିରୋଧୀଙ୍କ ପାଇଁ ଏକ ଝଟକା, କାରଣ ଏହା ନିର୍ବାଚନ କମିଶନଙ୍କ ଏହି ପଦକ୍ଷେପକୁ ବନ୍ଦ କରିବାକୁ କଂଗ୍ରେସ, ଆରଜେଡି ପ୍ରଭୃତି ବିରୋଧୀ ଦଳମାନେ ଅଭିଯାନ ଚଳାଇଥିଲେ। ତଥାପି, ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ ନିର୍ବାଚନ କମିଶନଙ୍କୁ ପରିଚୟ ପତ୍ର ଭାବରେ ଆଧାର କାର୍ଡ, ରାସନ କାର୍ଡ ଏବଂ ଭୋଟର ପରିଚୟ ପତ୍ର ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି।

# ଯୋଗାଣ ଅଧିକାରୀଙ୍କୁ ଗିରଫ କଲା ଭିଜିଲାନ୍ସ

ବ୍ରହ୍ମପୁର, ୧୦।୭(ମହାଭାରତ): ରାଜ୍ୟରେ ଏବେ କିଛିଦିନ ଧରି ଭିଜିଲାନ୍ସ ଧରପଗଡ ଜୋରଦାର ଚାଲିଛି। ଜଣକ ପରେ ଜଣେ ସରକାରୀ ବାବୁ ଭିଜିଲାନ୍ସ ସ୍କାନରକୁ ଆସୁଛନ୍ତି । ଏଥର ପାଳି ପଡିଛି ଯୋଗାଣ ଅଧିକାରୀଙ୍କ। ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା। ବୁଧବାର ତାଙ୍କ ଗାଡିରୁ ନଗଦ ୩ ଲକ୍ଷ ଜବତ ହୋଇଥିଲା। ଆଜି ତାଙ୍କୁ ଗିରଫ କରାଯାଇଛି ।ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ପୁଷ୍ପାଙ୍କ ଘର ଭବାନୀପାଟଣା, ବର୍ତ୍ତମାନ ରହୁଥିବା ଛତ୍ରପୁର ଘର ଓ ଛତ୍ରପୁର କାର୍ଯ୍ୟାଳୟରେ ଚଢ଼ାଉ କରାଯାଇ ତଦନ୍ତ କରିଥିଲେ ଭିଜିଲାନ୍ସ ଟିମ ।ଭବାନୀପାଟଣା ରେ ୩ ମହଲା କୋଠା, ୧୯ ଏକର ପରିମିତ ଜାଗା, ପ୍ଲଟ, ଗୋଟିଏ କାର, ୨ଟି ବାଇକ ଠାବ କରି ଅଧିକ ତଦନ୍ତ କରୁଛି ଭିଜିଲାନ୍ସ ବିଭାଗ। ତେବେ ମୋଟ୍ କେତେ ପରେ ନଜର ରଖିଥିଲା। ଶେଷରେ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କୁ ଗିରଫ କରିଛି ଭିଜିଲାନ୍ସ ।

ତଦନ୍ତ ପରେ ପୁରା ତଥ୍ୟ ସାମ୍ନାକୁ ଆସିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ।ବୁଧବାର ସେ ଅଫିସରୁ ଫେରୁଥିବାବେଳେ ଛତ୍ରପୁର ଜାତୀୟ ରାଜପଥରେ ଅଟକାଇଥିଲା ଭିଜିଲାନ୍ସ ଟିମ୍। ସର୍ଚ୍ଚ ବେଳେ ତାଙ୍କ ଗାଡିରୁ ନଗଦ ୩ ଲକ୍ଷ ଟଙ୍କା ମିଳିଥିଲା। ଏତେ ଟଙ୍କା କେଉଁଠୁ ଆଣିଥିଲେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ସେ। ଏହା ପରେ ତାଙ୍କୁ ଗିରଫ କରାଯିବା ସହ ତାଙ୍କ ଗାଡି ଜବତ ହୋଇଛି।

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



ଖବର

## ବିଗବସ୍ ଯିବେ ମୋନାଲିସା !



ମହାକୁମ୍ଭ ମେଳାରେ ମାଳି ବିକ୍ରି କରିବାକୁ ଆସିଥିବା ମୋନାଲିସା ରାତାରାତି ସୋସିଆଲ ମିଡିଆ ଷ୍ଟାର ପାଲଟିଗଲେ ଏବଂ ଏବେ ସେ ବଲିଉଡରେ ମଧ୍ୟ ପାଦ ଥାପି ସାରିଛନ୍ତି। ନିକଟରେ ଉତ୍କର୍ଷ ସିଂହଙ୍କ ସହ ତାଙ୍କର ଏକ ମ୍ୟୁଜିକ ଭିଡିଓ ରିଲିଜ୍ ହୋଇଥିଲା, ଆଉ ଏବେ ମୋନାଲିସା ଆହୁରି ଆଗକୁ ବଢ଼ି ସଲମାନ ଖାନଙ୍କ ସବୁଠାରୁ ଲୋକପ୍ରିୟ ଶୋ' 'ବିଗ୍ ବସ୍'ରେ ଏଣ୍ଟ୍ରି କରିବାକୁ ଚାହୁଁଛନ୍ତି। ଇନଷ୍ଟାଗ୍ରାମରେ ନାମକ ପେଜ୍ରେ ମୋନାଲିସାଙ୍କର ଏକ ଭିଡିଓ ପୋଷ୍ଟ କରାଯାଇଛି। ଏହି ଭିଡିଓରେ ସେ କଳା ରଙ୍ଗର ଅନାରକଲି ସୁଟ୍ ପିନ୍ଧି ଖୁବ୍ ସୁନ୍ଦର ଦେଖା ଯାଉଛନ୍ତି। ଏଥିରେ ତାଙ୍କୁ ପଚରା ଯାଇଥିଲା ଯେ, ଯଦି ଆପଣଙ୍କୁ ବିଗ୍ବସ୍ ଯିବାକୁ ସୁଯୋଗ ମିଳେ, ତେବେ କ'ଣ ଆପଣ ଯିବାକୁ ଚାହିଁବେ ?ମୋନାଲିସା ତୁରନ୍ତ ଉତ୍ତର ଦେଇ କହିଥିଲେ ହଁ, ମୁଁ ନିଶ୍ଚିତ ଯିବ। ତେବେ ଶୋ' ପକ୍ଷରୁ ଏପର୍ଯ୍ୟନ୍ତ ଏହା ନିଶ୍ଚିତ କରାଯାଇନାହିଁ ଯେ, ମୋନାଲିସା ଏହି ଶୋ'ରେ ଭାଗ ନେବେ କି ନାହିଁ। ମୋନାଲିସାଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି ଏବଂ ଲୋକେ ବିଗ୍ ବସ୍ରେ ଆପଣଙ୍କୁ ଦେଖିବା ପାଇଁ ଆମେ ଉତ୍ସାହିତ ବୋଲି କମେ□ ମଧ୍ୟ ଦେଉଛନ୍ତି।ସୂଚନାଯୋଗ୍ୟ, ବିଗ୍ ବସ୍-୧୯ ଏଥର ଶୀଘ୍ର ପ୍ରସାରିତ ହେବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଗଷ୍ଟ ମାସ ଶେଷ ସପ୍ତାହ ୨୯ କିମ୍ବା ୩୦ରେ ଶୋ' ପ୍ରିମିୟର ହେବା ନେଇ ଆଶା କରାଯାଉଛି।

## ଦାନର ତିନୋଟି ବିଧି

ହିନ୍ଦୁ ଧର୍ମଶାସ୍ତ୍ରରେ ଦାନ କରିବାକୁ ଶୁଭ ବୋଲି କୁହାଯାଇଥାଏ। ଦାନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ମତ ରହିଛି । ତେବେ ଦାନର ଶୁଭଫଳ ବିଷୟରେ ଆପଣଙ୍କୁ କିଛି ନା କିଛି ଜଣାଥିବ। କିନ୍ତୁ ଆପଣ ହୁଏତ ଏହାର କ୍ଷତି ବିଷୟରେ ଅବଗତ ନଥିବେ। ଅନେକ ସମୟରେ ଆପଣ ଏପରି କିଛି ଜିନିଷ ଦାନ କରିବସନ୍ତି,ଯାହା ପାଇଁ ପରବର୍ତ୍ତୀ ସମୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିଥାଏ ।

ଏଥିପାଇଁ ଶାସ୍ତ୍ରରେ ଦାନର ତିନୋଟି ବିଧି କଥା କୁହାଯାଇଛି । ତେବେ ଆସନ୍ତୁ ଜାଣିବା ଦାନ ବିଷୟରେ ଶାସ୍ତ୍ରରେ କ'ଣ ମତ ରହିଛି ।



ଶାସ୍ତ୍ରରେ ଦାନର ତିନୋଟି ସ୍ଥିତି ବିଷୟରେ ବର୍ଣ୍ଣନା କରାଯାଇଛି । ସର୍ବପ୍ରଥମେ କୁଣ୍ଡଳୀରୁ ଗ୍ରହଦୋଷ କାଟିବା ପାଇଁ ଦାନ କରାଯାଇଥାଏ। ଏହାର ଅର୍ଥ ଆପଣଙ୍କ କୁଣ୍ଡଳୀରେ ଯେଉଁ ଗ୍ରହ ଖରାପ ସ୍ଥିତିରେ ରହିଛି,ତାହାକୁ ଶାନ୍ତ କରିବା ପାଇଁ ଦାନ କରାଯାଇଥାଏ । ସେହିପରି ଦ୍ୱିତୀୟ ସ୍ଥିତିରେ ବ୍ରତ ଉପବାସ ପରେ ଭୋଜନ ଓ ବସ୍ତ୍ର ଦାନ କରାଯାଇଥାଏ। ଏହାପରେ ଦାନ କଲେ ଆପରଙ୍କ ବ୍ରତ ସଫଳ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ତୃତୀୟ ବିଧିରେ କୌଣସି ଶପଥ କିମ୍ବା ପ୍ରତିଜ୍ଞା ନେବା ସମୟରେ କାର୍ଯ୍ୟ ସଫଳ ହେବା ପାଇଁ ଦାନ କରାଯାଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଗ୍ରହକୁ ଶାନ୍ତ କରିବା ପାଇଁ ଅଲଗା ଅଲଗା ବସ୍ତୁ ଦାନ କରନ୍ତୁ। କିନ୍ତୁ ଯଦି ଆପଣଙ୍କ କୁଣ୍ଡଳୀରେ ଗ୍ରହର ଦିଶା ଠିକ୍ ଅଛି,ତେବେ ଦାନକ କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କ ଜୀବନ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ।

## ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ଗ୍ରୀନ ମଟର

ସାଧାରଣତଃ ଶୀତ ଦିନେ ଗ୍ରୀନ ମଟର ହୋଇଥାଏ। ଗ୍ରୀନ ମଟର ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି । ଏହାକୁ ସବୁ ତରକାରୀରେ ବ୍ୟବହାର କରି ହୁଏ । ଅନେକ ଲୋକ ଏହାକୁ କଞ୍ଚା ଖାଇବାକୁ ମଧ୍ୟ ପସନ୍ଦ କରନ୍ତି । ତେବେ ଏହା କେବଳ ପାଟିକୁ ସୁଆଦିଆ ଲାଗେ ନାହିଁ,ଏଥିରେ ଅନେକ ଭିଟାମିନ ସହିତ ଔଷଧୀୟ ଗୁଣ ଭରି ରହିଥାଏ,ଯାହା ଶରୀର ପାଇଁ ବହୁତ ଭଲ । ତା'ହେଲେ ଆସନ୍ତୁ ଜାଣି ନେବା ଗ୍ରୀନ ମଟର ଖାଇଲେ କେଉଁ କେଉଁ ଲାଭ ମିଳେ ।



ଶୀତଦିନେ ଖାଦ୍ୟ ଠିକ ଭାବେ ହଜମ ହୁଏ ନାହିଁ । ଏହି ସମସ୍ୟାକୁ ଠିକ୍ କରିବାରେ ମଟର ସାହାଯ୍ୟ କରିଥାଏ । ଏଥିରେ ଥିବା ଫାଇବର ଡାଇଜେଷ୍ଟିଭ ସିଷ୍ଟମକୁ ଠିକ୍ ରଖିଥାଏ । ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ହୋଇନଥାଏ ।

ମଟରରେ ଅଧିକ ପରିମାଣରେ ଫାଇବର ଓ ପ୍ରୋଟିନ ଥିବାରୁ ଏହା ପେଟରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ । ଫଳରେ ପେଟ ପୂରିଲା ଲାଗେ ଓ ଭୋକ କମ୍ ହୋଇଥାଏ । ଭୋକ କମ୍ ହେଲେ ଖାଇବା କମ୍ ହୁଏ ଓ ଏହାଦ୍ୱାରା ଓଜନ ହ୍ରାସ ପାଏ ।

ମଟରରେ ମ୍ୟାଗ୍ନେସିୟମ୍,ପୋଟାସିୟମ୍ ଓ କ୍ୟାଲସିୟମ୍ ରହିଛି । ଏସବୁ ତତ୍ତ୍ୱ ହାଇ ବ୍ଲଡ ପ୍ରେସର ଓ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ । ଫଳରେ ହାର୍ଟ ଆଟାକର ଆଶଙ୍କା କମ୍ ହୋଇଥାଏ ।

ମଟର ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ଭଲ ।

ମଟରରେ ପ୍ରଚୁର ମାତ୍ରାରେ ଆଇରନ ରହିଛି । ଏହି ଆଇରନ୍ ଶରୀରରେ ଆଲର୍ଜିକୁ କମ୍ କରିଥାଏ ଏବଂ ଏନିମିଆ ସମସ୍ୟାକୁ ଦୂର କରିଥାଏ ।

ମଟରରେର ଥିବା ଭିଟାମିନ ଓ ମିନେରାଲ୍ସ ରୋଗ ପ୍ରତିରୋଧ ଶକ୍ତିଙ୍କୁ ବଢାଇଥାଏ । ଫଳରେ ଶୀତଦିନେ ହେଉଥିବା ବିଭିନ୍ନ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ।

ମଟରରେ କାରୋଟେନୋଏଡ ପିଗମେଣ୍ଟ ଲୁଟିନ ନାମରେ ଏକ ତତ୍ତ୍ୱ ରହିଛି,ଯାହା ଆଖି ପାଇଁ ଭଲ । ଏହା ଦୃଷ୍ଟିଶକ୍ତିକୁ ଠିକ୍ ରଖେ ।

## ସୁନ୍ଦର କାରୁକାର୍ଯ୍ୟର କଥା ବଖାଣୁଛି 'ମା ଯୋଗମାୟା ଶକ୍ତିପୀଠ'



କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ଭାବେ ପରିଚିତ ମା'ଯୋଗମାୟା ପୀଠ। ଏହି ପୀଠ ଜିଲ୍ଲାର ଗୁର୍ଜିମୁଣ୍ଡା ଗ୍ରାମ ଠାରେ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପୀଠକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥାଏ । ଜିଲ୍ଲାର କେସିଁଗାଁ ବ୍ଲକ ଠାରୁ ମାତ୍ର ୧୫ କିମି ଦୂରତା ରେ ଅବସ୍ଥିତ ଗୁର୍ଜିମୁଣ୍ଡା ଗ୍ରାମ ଯେଉଠି ରହିଛି ମାଁ ଯୋଗମାୟା ଦେବୀଙ୍କ ଶକ୍ତିପୀଠ। ଏଠାରେ ଅନେକ କିର୍ତ୍ତିରାଜି ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଓ ଉଚ୍ଚକୋଟିର କାରୁକାର୍ଯ୍ୟରେ ଭରା ଏହି ମନ୍ଦିର ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ମା ଯୋଗମାୟାଙ୍କ ପୀଠକୁ ଆସି ଯିଏଯାହା ମାନସିକ କରେ ତାହା ମା ପୂରଣ କରନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଗୁର୍ଜିମଣ୍ଡା ମା ଯୋଗମାୟା ଦେବୀଙ୍କ ପୀଠ ମଧ୍ୟରେ ଦେଖିବାକୁ ମିଳେ ବହୁ ଉଚ୍ଚକୋଟିର କାରୁକାର୍ଯ୍ୟ। ଯାହା ଦେଖିଲେ ମନ ଭରିଯାଏ। ମନ୍ଦିର ର ମୁଖ୍ୟ ଦ୍ୱାର ଦେଇ ଗଲେ ପ୍ରଥମେ ମା ଯୋଗମାୟା ଦେବୀଙ୍କ ମନ୍ଦିର ପଡ଼େ । ମନ୍ଦିରର ପୂର୍ବଦିଗରେ ରହିଛି ଯଜ୍ଞ ମଣ୍ଡପ । ପଶ୍ଚିମରେ ଅଗ୍ରପୂଜ୍ୟ ଗଣେଷଙ୍କ ମନ୍ଦିର, ଉତ୍ତର ଦିଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବିରି ପୁରା ପାହାଡ଼ ଓ ଦକ୍ଷିଣ ଦିଗରେ ରହିଛନ୍ତି ବଜରଙ୍ଗବଳି । ମନ୍ଦିର ମଝିରେ ରହିଛି ବର୍ଷ ବର୍ଷ ଧରି ଅଖଣ୍ଡ ଜଳିବା ପାଇଁ ଏକ ଅଖଣ୍ଡ ଦ୍ୱିପ ଗୃହ । ସୁନ୍ଦର କାରୁକାର୍ଯ୍ୟ ସହିତ ମନୋରମ ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ସତରେ ନଦେଖିଲେ ଏହି ସୁନ୍ଦରତାକୁ ବିଶ୍ୱାସ କରିହେବ ନାହିଁ ।

ଏହି ବିରି ପୁରା ପାହାଡ଼ରେ ବହୁ କିର୍ତ୍ତିରାଜ ରହିଛି। ଲୋକ ମତ ଅନୁସାରେ ପୂର୍ବକାଳରେ ଏହି ବିରି ପୁରାପାହାଡ଼ ଗୁମ୍ଫା ମଧ୍ୟରେ ୩ ଜଣ ମୁନିଋଷି ତପଶ୍ୟା କରୁଥିଲେ । ପାହାଡ଼ ଉପରେ ସାତଟି କୁଅ ରହିଛି ଯାହା ବର୍ଷ ତମାମ ସୁଖେନାହିଁ ଏବଂ ସାତ ଭଉଣି ଦେବୀଙ୍କ ପୀଠ କୁଆଡ଼େ ଏଠାରେ ରହିଛି ବୋଲି ଲୋକେ ମତବ୍ୟକ୍ତ କରୁଥିବା ବେଳେ ଏହି ପାହାଡ଼କୁ ଦେବଗୁମ୍ଫା ବୋଲି କୁହାଯାଏ। ଏଠାରେ ଧବଳେଶ୍ୱର ଓ କପିଳେଶ୍ୱରଙ୍କ ଆଭିର୍ବାଭ ହୋଇଥିବା ବେଳେ ଏଠାରେ ପୂର୍ବକାଳରେ ମୁନିଋଷି ମାନେ ଏଠାରେ ପୂଜା କରିଆସୁଥିଲେ । ପରବର୍ତ୍ତି ସମୟରେ ଏଠାରେ ଏବେ ଜଣେ କୁମ୍ଭୀର ସଂପ୍ରଦାୟର ପୂଜକ ପାହାଡ଼ର ବିଭିନ୍ନ ସ୍ଥାନରେ ଥିବା ଦେବାନେବୀଙ୍କୁ ପୂଜା କରିଆସୁଛନ୍ତି ।



## ଚା'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ ତ୍ୱଚା ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା'କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।



# ଶିକ୍ଷାର ମାନ ବୃଦ୍ଧି

ପ୍ରତି ବର୍ଷ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଶହ ଶହ ଛାତ୍ର ପିଏଚଡି ହାସଲ କରୁଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ରାଜ୍ୟରେ ଶିକ୍ଷାର ପ୍ରସାରକୁ ପ୍ରମାଣିତ କରୁଛି । କିନ୍ତୁ ପ୍ରକୃତ ଶିକ୍ଷାବିତ ଏବଂ ଶିକ୍ଷାପ୍ରେମୀମାନେ ଏଥିରେ ସନ୍ତୁଷ୍ଟ ନାହାଁନ୍ତି । ସେମାନଙ୍କ ମତରେ ଶିକ୍ଷାର ପ୍ରସାର ବଡ଼ କଥା ନୁହେଁ, ବଡ଼ କଥା ହେଲା ଶିକ୍ଷାର ମାନ ବୃଦ୍ଧି । ଶିକ୍ଷାର ମାନ ବୃଦ୍ଧି ନହେଲେ ଖାଲି ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିବ ସିନା ହେଲେ ଶିକ୍ଷିତଙ୍କ ସଂଖ୍ୟା ସୀମିତ ରହିବ । ପୂର୍ବରୁ ମାଟ୍ରିକରେ ୬୦ ପ୍ରତିଶତ ନମ୍ବର ରଖି ପାସ କଲେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ବୁଦ୍ଧିମାନ ଏବଂ ମେଧାବୀ ଛାତ୍ର ଭାବେ ବିବେଚନା କରାଯାଉଥିଲା । କିନ୍ତୁ ଏବେ ମାଟ୍ରିକରେ ୮୦ ପ୍ରତିଶତ ମାର୍କ ରଖିଥିବା ଛାତ୍ର ପାଠ ପଚାରିଲେ ଥଙ୍ଗଉଛି । କାରଣ ସାର୍ଟିଫିକେଟ ବା ମାର୍କ ସିଟ କେବଳ ଏକ କାଗଜ ଟୁକୁରାରେ ପରିଣତ ହୋଇଛି । ଏହା ମୂଲ୍ୟହୀନ ହୋଇଯାଇଛି । ଜଣେ କେତେ ମେଧାବୀ ତାହା ତାଙ୍କ ମାର୍କ ସିଟରୁ ଜଣାପଡୁନି । ପୂର୍ବରୁ ସ୍କୁଲ ସ୍ତରରେ ଶିକ୍ଷାଦାନ ଅତି ଉନ୍ନତ ମାନର ଥିଲା । ଯୋଗ୍ୟ ଏବଂ ନିଷ୍ଠାପର ଶିକ୍ଷକଙ୍କ ପାଇଁ ଏହା ସମ୍ଭବ ହେଉଥିଲା । ଶିକ୍ଷକମାନେ ନିଜ ପ୍ରତିଭା ଏବଂ ସାଧନା ବଳରେ ମେଧାବୀ ଛାତ୍ରଙ୍କୁ ସୃଷ୍ଟି କରୁଥିଲେ । କିନ୍ତୁ ଏବେ ସେପରି ଶିକ୍ଷକଙ୍କ ସଂଖ୍ୟା ସୀମିତ । କାଁ ଭାଁ ଖୋଜିଲେ ଜଣେ ଉତ୍ସର୍ଗୀକୃତ ଶିକ୍ଷକ ମିଳିବେ । ଆଜିକାଲିର ଅଭିଭାବକମାନେ ସରକାରୀ ସ୍କୁଲ ପରିବର୍ତ୍ତେ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ନିଜ ପିଲାଙ୍କୁ ପଢାଇବାକୁ ଚାହୁଁଛନ୍ତି । ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ସେମାନେ ଏଥିପାଇଁ ସବୁ କିଛି ବାଜି ଲଗାଇ ଦେଉଛନ୍ତି । ସରକାରୀ ସ୍କୁଲରେ କେବଳ ବସ୍ତି ଅଞ୍ଚଳର ପିଲା ପାଠ ପଢୁଛନ୍ତି । କିଛି ଭଲ ପରିବାର ବା ଶିକ୍ଷିତ ପରିବାରର ପିଲା ଘରୋଇ ସରସ୍ୱତୀ ଶିଶୁ ମନ୍ଦିର ବା ସେହିପରି ଅନ୍ୟ ସ୍କୁଲରେ ପାଠ ପଢୁଛନ୍ତି । ସରକାରୀ ସ୍କୁଲକୁ ପଠାଇବା ପାଇଁ ଅଭିଭାବକ ପ୍ରସ୍ତୁତ ନାହାଁନ୍ତି । କାରଣ ସରକାରୀ ସ୍କୁଲରେ ଭଲ ପାଠ ପଢ଼ାଯାଉନି ବା ପ୍ରତିଯୋଗିତାର ସ୍ତର ଉନ୍ନତ ନୁହେଁ । ସରକାରୀ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ିଲେ ଇଂରାଜୀ ଜ୍ଞାନ କମିଯିବ । ତେଣୁ ପିଲାର ଭବିଷ୍ୟତ ନଷ୍ଟ ହୋଇଯିବ । ଏହା ଅନେକାଂଶରେ ସତ । କିନ୍ତୁ ଏଥିପାଇଁ କେବଳ ସରକାର ନହେଁ, ଆମେ ଦାୟୀ । ଶିକ୍ଷାର ମାନ ଧିରେ ଧିରେ ହ୍ରାସ ପାଉଥିବା ବେଳେ ଆମେ ଏହାକୁ ନିରବରେ ବରଦାସ୍ତ କଲୁ । ନୂଆ ଶିକ୍ଷା ବ୍ୟବସ୍ଥାରେ ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ ଦିଆଗଲା ନାହିଁ । ସ୍କୁଲରେ ପିଲାଙ୍କୁ ଦଣ୍ଡ ଦିଆଗଲା ନାହିଁ । ଏହାର ପରିଣାମ ଆଜି ଆମକୁ ଭୋଗିବାକୁ ପଡୁଛି । କେବଳ ସେତିକି ନୁହେଁ, ସରକାର ଶିକ୍ଷ ନିଯୁକ୍ତି ବେଳେ ମଧ୍ୟ ଅନେକ ତ୍ରୁଟି କରୁଛନ୍ତି । ସବୁ ଶିକ୍ଷକଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉନି । ଶିକ୍ଷକ ନିଯୁକ୍ତି ଚୟନ ବେଳେ ଦକ୍ଷତାକୁ ଗୁରୁତ୍ୱ ଦିଆଯାଉନି । ଦୁର୍ନୀତିପୂର୍ଣ୍ଣ ଉପାୟରେ ଶିକ୍ଷକ ନିଯୁକ୍ତି ଦିଆଯାଉଛି । ଶିକ୍ଷକମାନେ ଉପଯୁକ୍ତ ତାଲିମ ପାଉ ନାହାଁନ୍ତି । ଶିକ୍ଷାଦାନର ପଦ୍ଧତି ସମ୍ପର୍କରେ ସେମାନେ ଭଲଭାବେ ଅବଗତ ନାହାଁନ୍ତି । ତେଣୁ ପିଲାମାନେ ସ୍କୁଲରେ ଭଲ ଶିକ୍ଷକ ପାଇବେ କେମିତି ? ଏବେ ପୁଣି ଜଣାପଡ଼ିଛି ଯେ, ନକଲି ସାର୍ଟିଫିକେଟ ମାଧ୍ୟମରେ ଅନେକ ଅଯୋଗ୍ୟ ବ୍ୟକ୍ତି ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଏହାଠାରୁ ବଳି ବଡ଼ ଜଘନ୍ୟ ଏବଂ ଚିନ୍ତାଜନକ କଥା ଆଉ କିଛି ନାହିଁ । ଯେଉଁଠି ଶିକ୍ଷକ ଅଯୋଗ୍ୟ, ଅପାରଗ , ଦୁର୍ନୀତିଗ୍ରସ୍ତ ଏବଂ ଜାଲ ସାର୍ଟିଫିକେଟରେ ଚାକିରୀ ପାଇଛି, ସେଠାରେ ଶିକ୍ଷାଦାନ କିପରି ଉନ୍ନତ ମାନର ହେବ, ଭଲ ମେଧାବୀ ଛାତ୍ର କିପରି ବାହାରିବେ ? ରାଜଧାନୀରେ ବର୍ଷ ତମାମ ବିଭିନ୍ନ ଶ୍ରେଣୀର ଶିକ୍ଷକ ଓ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି, ବିଧାନସଭା ଆଗରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# କୃଷ୍ଣ ହେଲେ କୃଷ୍ଣ ବୁଝି ହେବ

॥ ହେମନ୍ତ କୁମାର ପରିଡ଼ା ॥

*“ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ । ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ । ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ । କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ । ସେ ସଖା ଅର୍ଜ୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ । ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା । ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ । ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା । ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ । ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ ।*

ଭଗବାନ ସଚ୍ଚିଦାନନ୍ଦ ଯେତେବେଳେ ତାଙ୍କର ଲୀଳା କରିବା ପାଇଁ ଇଚ୍ଛା ଉତ୍ପନ୍ନ ହୁଏ ସେତେବେଳେ ସେ ସ୍ୱୟଂ ଜୀବ ରୂପରେ ଶରୀର ଧାରଣ କରିଥାଆନ୍ତି । ଲୀଳା ପାଇଁ ଲୀଳାସଙ୍ଗୀ ମାନଙ୍କର ଆବଶ୍ୟକତା ପଡ଼େ । ତେଣୁ ସେ ସାଥିରେ ଲୀଳା ସଙ୍ଗୀ ମାନଙ୍କୁ ନେଇ ଲୀଳା କରିବା ପାଇଁ ଆସିଥାଆନ୍ତି । ଏହି ଧରଣୀ ବକ୍ଷରେ ସେ ଅନେକବାର ଅବତାର ନେଇଛନ୍ତି । ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ସ୍ୱୟଂ ଅବତାର ନେଇ ପ୍ରେମ ପୁରୁଷ ଶ୍ରୀକୃଷ୍ଣ ରୂପରେ ବିଶେଷ ଲୀଳା ପ୍ରକଟ କରିଥିଲେ । ସେ ଲୀଳା ଯେତିକି ମାର୍ମିକ ସେତିକି ଚିତାକର୍ଷକ । ପରିପୂର୍ଣ୍ଣତାର ପରିଭାଷା ଭଗବାନ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧ । ସେ ସ୍ୱୟଂ ସ୍ୱତନ୍ତ୍ର ପରିପୂର୍ଣ୍ଣ ଅଟନ୍ତି ।

ଯେଉଁ ଦିନ ସେ ଆବିର୍ଭାବ ହୋଇଥିଲେ – ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି । ବର୍ଷା ମୁଖର ଘନ ଅନ୍ଧାର ରାତି । ମଥୁରା ଅଧିପତି ଦୁଷ୍ଟ କଂସ ରାଜାର ବନ୍ଦୀଶାଳାରେ ବସୁଦେବଙ୍କ ପତ୍ନୀ ମାତା ଦେବକୀଙ୍କ ଗର୍ଭରୁ ପରମ ପୁରୁଷ ପରମାତ୍ମା ସାକାର ରୂପରେ ସମ୍ଭୂତ ହୋଇଥିଲେ । ତାହା ସାରା ପୃଥିବୀ ପାଇଁ ପରମ ପବିତ୍ର ମୁହୂର୍ତ୍ତ ଥିଲା । ତାଙ୍କ ଜନ୍ମ ସମୟରେ ଅନେକ ଅଦ୍ଭୁତ ଓ ଅଲୌକିକ ଘଟଣାମାନ ଘଟିଲା । ବନ୍ଦୀ ପିତା ମାତାଙ୍କ ବେଡ଼ି ଖୋଲିଗଲା । ବନ୍ଦୀଗୃହ ଦିବ୍ୟ ଆଲୋକରେ ଉଦଭାସିତ ହୋଇ ଉଠିଲା । ଭଗବାନ ଆବିର୍ଭାବ ହୋଇ କହିଲେ ମୋତେ ନେଇ ଗୋପ ପୁରରେ ନନ୍ଦରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ଛାଡ଼ି ଦେବ ଏବଂ ତାଙ୍କ ସଦ୍ୟଜାତ କନ୍ୟାକୁ ନେଇ ଆସିବ । ତାହାଥିଲା ଅପୂର୍ବ ସଂଯୋଗ । ବିଚିତ୍ର ଭାବରେ ସମସ୍ତ ବ୍ୟବସ୍ଥା ହୋଇଗଲା । ବନ୍ଦୀଶାଳାର ଦ୍ୱାର ଛାଏଁ ଛାଏଁ ଖୋଲିଗଲା । ଦ୍ୱାର ରକ୍ଷକ ଭାବେ ନିଯୁକ୍ତ କଂସଙ୍କ ପିତା ଉଗ୍ରସେନ ବ୍ୟତୀତ ସମସ୍ତ ପ୍ରହରୀ ଥିଲେ ନିଦ୍ରା ଗ୍ରସ୍ତ । ବନ୍ଦୀଶାଳରୁ ପ୍ରଭୁଙ୍କ ଯାତ୍ରା ଆରମ୍ଭ ହେଲା । ଲୋକ ସଂଗ୍ରହର ଯାତ୍ରା, ଲୀଳା ପ୍ରକଟର ଯାତ୍ରା, ପ୍ରେମ ବିତରଣର ଯାତ୍ରା । କଂସ ବନ୍ଦୀଶାଳାରୁ ବାସୁଦେବ କୃଷ୍ଣଙ୍କର ଏହି ଜୀବନ ଯାତ୍ରା ଆରମ୍ଭ ।

ଦ୍ୱାର ଦେଶରେ ଭେଟ ହେଲେ ଉଗ୍ରସେନ । ପିତା ବାସୁଦେବ ସଦ୍ୟଜାତ ସନ୍ତାନକୁ ଶିର ଉପରେ ଧାରଣ କରିଛନ୍ତି । ସେହି ଝୁଡ଼ି ଭିତରୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେଲେ । ପଛରେ ବାସୁକି ନାଗ ଛତ୍ରୀ ଭାବରେ ଫଣା ଟେକି ବର୍ଷା ଦାଉରୁ ପ୍ରଭୁଙ୍କୁ ରକ୍ଷା କରୁଛନ୍ତି । ଉଗ୍ରସେନ ପ୍ରଭୁଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଓ ପାଦ ତଳେ ପ୍ରଣାମ କରି ପଥ ଛାଡ଼ିଦେଲେ । ବିଜୁଳି ରାସ୍ତା ଦେଖାଇଲା । ଭରା ଯମୁନାର ଜଳ ଦୁଇ ଭାଗ ହୋଇ ନଦୀପାରି ହେବା ପାଇଁ ରାସ୍ତା ଦେଇଦେଲା । ବସୁଦେବ ପୁତ୍ରକୁ ନେଇ ନନ୍ଦରାଜାଙ୍କ ଘରେ ପହଞ୍ଚିଗଲେ । ଦେଖିଲେ ସମସ୍ତେ ସୁପ୍ତ । ନନ୍ଦ ରାଣୀ ଯଶୋଦ ସଦ୍ୟ କନ୍ୟାଟିଏ ପ୍ରସବ କରି ଅଚେତ । ବସୁଦେବ ଯଶୋଦାଙ୍କ କୋଳରେ ପୁତ୍ରକୁ ଥୋଇ ଦେଇ ତାଙ୍କ କନ୍ୟାକୁ ଧରି ମଥୁରା ଫେରି ଆସିଲେ । ଏକ ଅଦେଖା ଇଙ୍ଗିତରେ ସତେ ଅବା ସବୁକାର୍ଯ୍ୟ ସଠିକ ଭାବେ ସଙ୍ଗଠିତ ହୋଇଗଲା । ସେ କନ୍ୟା ଥିଲେ ସ୍ୱୟଂ ଯୋଗମାୟା । ଯୋଗେଶ୍ୱର କୃଷ୍ଣଙ୍କ ଲୀଳା ସଙ୍ଗୀ ଭାବେ ଯୋଗିନୀ ଯୋଗମାୟା ତାଙ୍କ ନିର୍ଦ୍ଦେଶରେ ଯାଇ ଯଶୋଦାଙ୍କ ଗର୍ଭରେ ଜନ୍ମ ଗ୍ରହଣ କରିଥିଲେ । ଭାଦ୍ରବ କୃଷ୍ଣ ଅଷ୍ଟମୀ ଏକାଧାରାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଯୋଗମାୟାଙ୍କ ଜନ୍ମଦିନ ଅଟେ ।

କୃଷ୍ଣଙ୍କୁ ନେଇ ସନାତନ ଶାସ୍ତ୍ର ପୁରାଣ ବହୁ ଭାବେ ରୁଦ୍ଧିମନ୍ତ । କୃଷ୍ଣ କିଏ ? ଶାସ୍ତ୍ରରେ କୁହାଯାଇଛି – ‘କର୍ଷତି ଇତି କୃଷ୍ଣ’ । ଯାହାଙ୍କ ଆକର୍ଷଣରେ ସାରା ସୃଷ୍ଟି ଆକର୍ଷିତ ସେ ହେଲେ କୃଷ୍ଣ । ବ୍ୟବହାର ଜଗତରେ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅନୁଶୀଳନ ଅଦ୍ଭୁତ ହିଁ ଅଦ୍ଭୁତ ଅଟେ । ସୃଷ୍ଟିକୁ ପ୍ରେମର ପ୍ଲାବନରେ ଅବଗାହିତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରେମ ଶିକ୍ଷାର ଦୀକ୍ଷା ଧାରଣ କରି ତାଙ୍କର ଧରାବତରଣ । ସେ ଏକମାତ୍ର ଦେବତା ଯାହାଙ୍କୁ ଦେଖିଲେ ଶ୍ରଦ୍ଧା ପ୍ରେମରେ ହୃଦୟରୁ ଝରିଆସେ ‘ତୁ’ ‘ତୋର’ ‘ଆରେ ଧନରେ’ ଭଳି ସବୁଠାରୁ ଆପଣାର ଶବ୍ଦ । ସେହିଥି ପାଇଁ ସେ ପ୍ରେମର ଠାକୁର କାହ୍ନା, କାହ୍ନୁ କାଳିଆ ଏହିଭଳି କେତେ କଣ ହୃଦୟ ଭରା ସମ୍ବୋଧନ । ତାଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପ୍ରେମଭୂମି ଭାବରେ ସମସ୍ତଙ୍କର ପ୍ରିୟ । ସେ ପ୍ରେମ ଭୂମିରେ ପାଦ ଦେଲେ ହୃଦୟ ପ୍ରେମପୂର୍ଣ୍ଣ ହୋଇଯାଏ । ସେହି ଭୂମିରେ ଭକ୍ତିମାତାଙ୍କ ସହିତ ଜ୍ଞାନ ବୈରାଗ୍ୟ ପୁତ୍ରରୂପ ହୋଇ ଲୀଳା କରୁଛନ୍ତି । ସେ ଭୂମିରେ ନିବାସ ପାଇଁ ବଡ଼ ବଡ଼ ଦେବତାମାନେ ମଧ ମନ ବଳାଇ ଥାଆନ୍ତି ।

ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ । ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ । ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ । କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ । ସେ ସଖା ଅର୍ଜ୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ । ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା । ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ । ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା । ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ । ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ । ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ଆମେ କହିଥାଉ ‘କୃଷ୍ଣସ୍ତୁ ଭଗବାନ ସ୍ୱୟଂ’ । କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ କୃଷ୍ଣଙ୍କ ଜୀବନର ପର୍ଯ୍ୟାଲୋଚନା କଲେ ଜଣାଯାଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଯେତେ ଦୁଃଖ ତାଙ୍କ ଜୀବନ ଦେଇ ବହି ଯାଇଛି ତାହା ପ୍ରତ୍ୟେକ ମଣିଷକୁ ବ୍ୟଥିତ କରିବ । ଲାଗିବ ସତେ ଅବା ଯନ୍ତ୍ରଣାର ଅନ୍ୟନାମ ହେଉଛନ୍ତି କୃଷ୍ଣ । ଜନ୍ମ ହେଲେ ବନ୍ଦୀଶାଳାରେ । ଜନ୍ମ ହେଉ ହେଉ ପିତାମାତାଙ୍କ ଠାରୁ ବିଚ୍ଛେଦ । କେତେ କେତେ ଘାତ ପ୍ରତିଘାତ, ପ୍ରତିମୁହୂର୍ତ୍ତରେ ତାଙ୍କ ଜୀବନ ପ୍ରତି ବିପଦ । ସେ ଯେତେବେଳେ ମାତ୍ର ତିନି ଦିନର ଶିଶୁ ସେତେବେଳେ ପୁତନାର ଭୟ, ସ୍ତନରେ ବିଷ ଦେଇ ଶିଶୁ ହତ୍ୟାର ଉଦ୍ୟମ, ସେବେ ଠାରୁ ଭୟଙ୍କର ରାକ୍ଷସ ରାକ୍ଷସୀ ମାନଙ୍କ ଆକ୍ରମଣ ଲାଗି ରହିଲା । କିଶୋର ବେଳେ ଖେଳ ସାଥିଙ୍କ ଠାରୁ ବିଚ୍ଛେଦ, ପ୍ରିୟ ପିତା ମାତାଙ୍କ ଠାରୁ ବିଚ୍ଛେଦ । ଜରାସନ୍ଧ ଭୟରେ ଆପଣା ରାଜ୍ୟ ତ୍ୟାଗକରି ସମୁଦ୍ର ଭିତରେ ରାଜଧାନୀ ସ୍ଥାପନା । ଘର ସଂସାର କରି ବିରାଟ ଯାଦବ ବଂଶ ପ୍ରତିଷ୍ଠା କଲେ । ସମୟ କ୍ରମେ ନିଜ ହାତରେ ପ୍ରତିଷ୍ଠିତ ଆପଣା ପରିବାରଙ୍କୁ ଧ୍ୱଂସ କରିଦେଇ ନିଜେ ମଧ ଜରା ଶବର ହାତରେ ନିହତ ହୋଇଗଲେ । ଧର୍ମ ରକ୍ଷା ପାଇଁ କର୍ତ୍ତବ୍ୟ କରିବାରେ ସେ ସଦା ତତ୍ପର । ସର୍ବ ସମର୍ଥ ହୋଇ ମଧ ବେଳେ ବେଳେ ଅସହାୟତାର ଅଭିନୟ କରିଥାନ୍ତି । ଧର୍ମରକ୍ଷା, ସତ୍ୟ ପ୍ରତିଷ୍ଠା ସହିତ ସମାଜ ସୁରକ୍ଷା ପାଇଁ ଅନେକ ସମୟରେ ସେ ଅସହାୟତାର ସମ୍ମୁଖୀନ ହୋଇଛନ୍ତି । ଅଭିଶାପର ଶିକାର ହୋଇଛନ୍ତି, ସବୁ ଅଭିଶାପକୁ ସ୍ୱୀକାର ମଧ କରିଛନ୍ତି । ହସି ହସି ସବୁ ବିଷକୁ ଗ୍ରହଣ କରି ନେଇଛନ୍ତି । ସେ କାହାର ନୁହଁନ୍ତି, ପୁଣି ସମସ୍ତଙ୍କର । ଯେଉଁଠି ସତ୍ୟ, ଯେଉଁଠି ନ୍ୟାୟ, ଯେଉଁଠି ଶରଳତା, ନିଷ୍କପଟତା ସେ ସେଇଠି, ସେହିମାନଙ୍କ ପାଖରେ ସେ ସର୍ବଦା ରହିଛନ୍ତି । ଅନ୍ୟାୟ ପାଖରେ ନ୍ୟାୟର ଧର୍ମ ଧାରଣ କରି ସେ ଉଭା ହୋଇଛନ୍ତି । କାମନା, ଶୂନ୍ୟ ନିସ୍ପୃହ ନିରହଙ୍କାରୀ ଯୋଗୀ ସମ୍ପୂର୍ଣ୍ଣ ନିରପେକ୍ଷ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ । ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ ସେ ସ୍ୱୟଂ ଭଗବାନ । ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ତ୍ୟାଗ, ତିତିକ୍ଷା ସେ ପ୍ରତିଭୂ ଅଟନ୍ତି । ସମସ୍ତ ଐଶ୍ୱର୍ଯ୍ୟ ଭିତରେ ଥାଇ ମଧ ସେ ଅତ୍ୟନ୍ତ ଅସଙ୍ଗ ନିସଙ୍ଗ । ପିତା, ପୁତ୍ର, ପରିବାର ବନ୍ଧୁ ପରିଜନ ସେ ସବୁ କାହାର ନୁହଁନ୍ତି । ତାଙ୍କର ପ୍ରିୟ ଅପ୍ରିୟ ପାଖରେ ନାହିଁ, ସମସ୍ତେ ନିଜର । ସେ କେବଳ ନିରଭିମାନ ନିରହଂକାରୀ ସତ୍ୟନିଷ୍ଠ ସମର୍ପିତ ଭକ୍ତର । ଗୋ ବ୍ରାହ୍ମଣ ହିତ ପାଇଁ ସାଧୁ ସନ୍ଥଙ୍କ ସୁରକ୍ଷା ପାଇଁ ଦୁଷ୍ଟ ନିବାରଣ ପାଇଁ, ଧର୍ମ ପ୍ରତିଷ୍ଠା ପାଇଁ ତାଙ୍କର ଅବତାର । ଯିଏ ଯେପରି ଡାକିଛି ସେ ସେପରି ତାଙ୍କର ସହାୟତା ଦେଇଛନ୍ତି । ସେ ଅଚ୍ୟୁତ ଅନନ୍ତ ହେଲେ ମଧ ଭାବଗ୍ରାହୀ ଭାବେ ସମସ୍ତଙ୍କ ଅନ୍ତରବାସୀ ଭକ୍ତ ବତ୍ସଳ । ଶ୍ରୀମଦ୍ ଭଗବତ ଗୀତା ଶ୍ରୀକୃଷ୍ଣଙ୍କର ସାରା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ । ବିଶ୍ୱ ପାଇଁ ଅତୁଳନୀୟ ଅନୁଦାନ । ଏହା ତାଙ୍କର ମୁଖ ନିସୃତ ବାଣୀ । ସେଥିରେ ସେ ଘୋଷଣା କରିଛନ୍ତି – ମୋର ଜନ୍ମ କର୍ମ ଦିବ୍ୟ । ଯିଏ ମୋତେ ତତ୍ତ୍ୱତଃ ଜାଣେ ସେ ମୋତେ ପ୍ରାପ୍ତ ହୁଏ । ଶ୍ରୀକୃଷ୍ଣ ସର୍ବ ରହସ୍ୟର ଆଗାର । ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ । ଜଣେ କୃଷ୍ଣଙ୍କୁ ବୁଝିଲେ କୃଷ୍ଣ ହୋଇଯିବ ଅନ୍ୟ ଅର୍ଥରେ କହିଲେ କୃଷ୍ଣ ହେଲେ କୃଷ୍ଣ ବୁଝି ହେବ । ଜନ୍ମାଷ୍ଟମୀରେ ସ୍ୱୟଂ ପରମାତ୍ମା ସାକାର ରୂପରେ ଅବତୀର୍ଣ୍ଣ ହୋଇ ସାରା ସୃଷ୍ଟିର ପରମ କଲ୍ୟାଣ ସାଧନ କରିଛନ୍ତି । ଆନନ୍ଦ ବର୍ଦ୍ଧନ କରିଛନ୍ତି, ସମସ୍ତଙ୍କୁ ଦିବ୍ୟ ଆନନ୍ଦରେ ଆକର୍ଷିତ କରିଛନ୍ତି । ସେ କହିଛନ୍ତି ସାରା ସୃଷ୍ଟି ମୋର ସ୍ୱରୂପ । ମୋର ପରମ ଦିବ୍ୟ ସଚ୍ଚିଦାନନ୍ଦ ଘନ ସ୍ୱରୂପରେ ପ୍ରତିଷ୍ଠିତ ହେବ । ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ । ବାସୁଦେବ ସର୍ବମ୍ । ଆସ କୃଷ୍ଣଙ୍କୁ ବୁଝି କୃଷ୍ଣ ହୋଇ ଯିବା । କୃଷ୍ଣ ହେଲେ ଯାଇ କୃଷ୍ଣଙ୍କୁ ବୁଝିପାରିବା । ସକଳ ଦୁଃଖ, ଶୋକ ମଧ୍ୟରେ ଆନନ୍ଦର ଅନୁଭବ ପାଇଁ, ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ଏ ଧରା ଧାମରେ ଅବତାର ଗ୍ରହଣ । ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ମଧ ଶ୍ରୀକୃଷ୍ଣଙ୍କ ଅଧରର ମଧୁର ହସ ଲିଭି ନାହିଁ । ଏ ହେଉଛନ୍ତି କୃଷ୍ଣ, ବିରଳ ବ୍ୟକ୍ତିତ୍ୱ, କେବଳ ଆଉ ଜଣେ କୃଷ୍ଣ ତାହା ଅନୁଭବ କରିପାରିବ । ପବିତ୍ର ଜନ୍ମାଷ୍ଟମୀରେ ଏହା ଅନୁଚିନ୍ତା ହେଉ । କୃଷ୍ଣ ଚେତନାରେ ଆମେ ହଜିଯାଉ, ମଜିଯାଉ, କେବଳ ଆଉ ସ୍ୱୟଂ କୃଷ୍ଣ ହୋଇଯାଉ । ଏକାକାର ହୋଇଯାଉ । ଜୟ ଶ୍ରୀକୃଷ୍ଣ ।


ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬


# ସୃଷ୍ଟିର ମହାନାୟକ ଏବଂ ମ୍ୟାନେଜମେଣ୍ଟ ଗୁରୁ ଶ୍ରୀକୃଷ୍ଣ

॥ ଗୋପାଳ ମହାପାତ୍ର ॥

ଭଗବାନ ଶ୍ରୀକୃଷ୍ଣ ଆମ ସଂସ୍କୃତିର ଜଣେ ଅଦ୍ଭୁତ ଏବଂ ବିଲକ୍ଷଣ ମହାନାୟକ ଏବଂ ମ୍ୟାନେଜମେଣ୍ଟ ପ୍ରବନ୍ଧନ ଗୁରୁମଧ ଚରିତ୍ର ଏକ ପ୍ରଭାବୀ ଏବଂ ସଫଳ ମ୍ୟାନେଜମେଣ୍ଟ ଗୁରୁଙ୍କର ସମସ୍ତ ଗୁଣ ଥିବା ଲୋକ ନାୟକଙ୍କ ଶ୍ରୀକୃଷ୍ଣଙ୍କ ଚରିତ୍ର ଅଟେ । ସେ ଶାସକ କିନ୍ତୁ କେବେ ତାଙ୍କୁ ରାଜା ଶ୍ରୀକୃଷ୍ଣ ଭାବେ ସମ୍ବୋଧିତ କରାଯାଏ ନାହିଁ । ସେ ତ ବ୍ରଜ ନନ୍ଦନ ଅଟନ୍ତି । କୁଶଳ ପ୍ରବନ୍ଧନର ଦକ୍ଷତା କାରଣରୁ ସମାଜ ଏବଂ ରାଷ୍ଟ୍ରବ୍ୟବସ୍ଥା ତାଙ୍କ ପାଇଁ କର୍ତ୍ତବ୍ୟ ଥିଲା, ଧର୍ମ ତାଙ୍କର ଆତ୍ମନିଷ୍ଠା ପାଲଟିଥିଲା । ସେ ପ୍ରବୃତ୍ତି ଏବଂ ନିବୃତ୍ତି ଉଭୟର ସଂଯୋଜନାରେ ସଚେତନ ଥିଲେ । ଶ୍ରୀକୃଷ୍ଣଙ୍କ ଆଦର୍ଶରେ ହିଁ ଦେଶ ଏବଂ ଦୁନିଆରେ ଶାନ୍ତି ସ୍ଥାପିତ କରିବାର ମାର୍ଗ ପ୍ରଶସ୍ତ ହୋଇପାରିବ । ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ରହସ୍ୟକୁ ବୁଝିବା ପାଇଁ ତାଙ୍କର ଆଦର୍ଶ ରାଜନୀତି, ବ୍ୟବହାରିକ ଲୋକତନ୍ତ୍ର, ସାମାଜିକ ବ୍ୟବସ୍ଥା, ଏକାତ୍ମ ମାନବବାଦ ଏବଂ ଅନୁଶାସିତ ସୈନ୍ୟ ଏବଂ ଯୁଦ୍ଧ ସଂଚାଳିତ ବ୍ୟବସ୍ଥା ଜାଣିବାକୁ ପଡିବ । ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ କେଉଁ ପ୍ରକାରର ନୀତି ଏବଂ ନିୟମ ଆବଶ୍ୟକ ସେ ସବୁ ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣଙ୍କ ପ୍ରଭାବୀ ପ୍ରବାନ୍ଧନ ସୁତ୍ରରୁ ମିଳିଥାଏ । ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଏବଂ କୃତୀତ୍ୱ ନେତୃତ୍ୱ ତଥା ପ୍ରବନ୍ଧନର ସମସ୍ତ ବିଶେଷତା ବହୁରଙ୍ଗୀ ଅର୍ଥାତ୍ ରାଜନୈତିକ କୌଶଳ, ବୁଦ୍ଧିମତା, ଚାତୁର୍ଯ୍ୟ, ଯୁଦ୍ଧନୀତି, ଆକର୍ଷଣ, ପ୍ରେମ ଭାବ, ଗୁରୁତ୍ୱ, ସୁଖ ଦୁଃଖ ଏବଂ ଆହୁରି ଅନେକ କିଛି ।

ଜଣେ ଦେଶଭକ୍ତ ପାଇଁ ଶ୍ରୀକୃଷ୍ଣ ଭଗବାନ ତ ଅଟନ୍ତି ଏଥି ସହ ସେ ଜୀବନ ଜିଇଁବାର କଳା ଏବଂ ସଫଳ ନାଗରିକତା କଥା ମଧ ଶିଖାଇଛନ୍ତି । ସେ ନିଜର ବ୍ୟକ୍ତିତ୍ୱର ବିବିଧ ବିଶେଷତାର ଭାରତୀୟ ସଂସ୍କୃତିରେ ଉଚ୍ଚ ମହାପ୍ରବନ୍ଧକର ପଦ ପ୍ରାପ୍ତି କରିଥିଲେ । ଗୋଟିଏ ପକ୍ଷରେ ସେ ରାଜନୀତିର ଜ୍ଞାତା, ତ ଅନ୍ୟ ପକ୍ଷରେ ଦର୍ଶନର ପ୍ରକାଣ୍ଡ ପଣ୍ଡିତ ଥିଲେ । ଧାର୍ମିକ, ରାଜନୈତିକ ଏବଂ ସାମାଜିକ ଜଗତକୁ ମଧ ନେତୃତ୍ୱ ଦେଇଥିଲେ ତଥା ଜ୍ଞାନ-କର୍ମ- ଭକ୍ତିର ସମନ୍ୱୟବାଦୀ ଧର୍ମ ମଧ ପ୍ରବର୍ତ୍ତିତ କରିଥିଲେ । ନିଜର ଯୋଗ୍ୟତାର ଆଧାରରେ ସେ ଯୁଗପୁରୁଷ ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଯୁଗାବତାର ଭାବେ ସ୍ୱୀକୃତ ହୋଇଥିଲେ । ଆମେ ତାଙ୍କୁ ଜଣେ ମହାନ କ୍ରାନ୍ତିକାରୀ ନାୟକ ଭାବେ ମନେ ରଖିଛେ । ସେ ଦାର୍ଶନିକ, ଚିନ୍ତକ, ଗୀତା ମାଧ୍ୟମରେ କର୍ମ ଏବଂ ସାଂକ୍ଷଯୋଗର ସଂଦେଶବାହକ ଏପରିକି ମହାଭାରତ ଯୁଦ୍ଧରେ ନୀତି ନିର୍ଦ୍ଦେଶକ ଥିଲେ । କିନ୍ତୁ ସରଳ ନିଛଳ ବ୍ରଜବାସୀ ମାନଙ୍କ ପାଇଁ ସେ ଥିଲେ ରାସ ରଚେତା, ଲହୁଣୀ ଚୋର, ଗୋପୀମାନଙ୍କ ମାଠିଆ ଭାଙ୍ଗୁଥିବା ଦୁଷ୍ଟ କହ୍ନେଇ ଏବଂ ଗୋପୀମାନଙ୍କ ଚିତ୍ତଚୋର । ଗୀତାରେ ଏ ସବୁର ଭାବାଭିବ୍ୟକ୍ତି ରହିଛି – “ହେ ଅର୍ଜୁନ ! ଯେଉଁ ଭକ୍ତ ମୋତେ ଯେଉଁ ଭାବନାରେ ଭଜିଥାଏ ମୁଁ ତାକୁ ସେଇ ପ୍ରକାର ଭଜିଥାଏ” । ଶ୍ରୀକୃଷ୍ଣଙ୍କ ଜୀବନ ଆଦର୍ଶକୁ ଯିଏ ଆତ୍ମସାତ କରି ପାରିବ ସେ ଜଣେ କୁଶଳ ପ୍ରବନ୍ଧିକ ଭାବେ ନିଜକୁ ପ୍ରଦର୍ଶିତ କରିପାରିବ ।

ସଠିକ୍ ପ୍ରବନ୍ଧନ ବିନା କୌଣସି କାର୍ଯ୍ୟର ଶ୍ରେଷ୍ଠତମ ପରିମାଣ ମିଳିପାରେ ନାହିଁ । ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇଁ ସଠିକ୍ ପ୍ରବନ୍ଧନ ନିହାତି ଆବଶ୍ୟକ । ସାର୍ଥକ ଜୀବନ ପାଇଁ ମଧ ସଠିକ୍ ପ୍ରବନ୍ଧନ ଜରୁରୀ । ଶ୍ରୀକୃଷ୍ଣ ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଗୁରୁ ର ଭୂମିକା ନିର୍ବାହକରି ସଫଳ ଏବଂ ସାର୍ଥକ ଜୀବନ ଜିଇଁବାର ପ୍ରବନ୍ଧନ ସୁତ୍ରର ଶିକ୍ଷା ଦେଇଛନ୍ତି ଯାହା ସଂପୂର୍ଣ୍ଣ ମାନବ ଜାତିକୁ ପଥ – ପ୍ରଦର୍ଶନ କରୁଛି । ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ନୀତିର ବିଶେଷତ୍ୱ ହେଉଛି ଯେ ତାଙ୍କ ଭାବନା ଏବଂ ବିବେକ ପରସ୍ପରର ପୂରକ ଥିଲେ । ପ୍ରବନ୍ଧନ ଗୁରୁ ଶ୍ରୀକୃଷ୍ଣଙ୍କ ବ୍ୟବହାରିକ କୌଶଳ ଥିଲା ଯେ ସର୍ବ ପ୍ରଥମେ ଅତ୍ୟାଚାରୀ କଂସକୁ ସେ ଆର୍ଥକ ପରେ ଦୁର୍ବଳ କରି ଦେଇଥିଲେ ଓ ପରେ ତାକୁ ବଧ କରି ଥିଲେ । ପୁରା ମହାଭାରତ ଯୁଦ୍ଧ ସମୟରେ ସେ କେବେ ଦୁଃଖିତ ହୋଇନଥିଲେ କିମ୍ବା ଅତ୍ୟଧିକ ଉତ୍ସାହିତ ମଧ ହୋଇ ନଥିଲେ । ଜଣେ ବ୍ୟକ୍ତି ମଧ୍ୟରେ ଅନେକ ଗୁଣ, ବିଶେଷତାଏବଂ କୌଶଳ 1 ସମାବେଶ ସେତେବେଳେ ହୋଇପାରେ ଯେତେବେଳେ ସେ ପ୍ରବନ୍ଧନରେ ଅଭିକ୍ଷତା ହାସଲ କରି ପାରିଥାନ୍ତି ।

ଶ୍ରୀକୃଷ୍ଣ ଏମିତି ଏକ ଆଦର୍ଶ ଚରିତ୍ର ଯିଏ ଅର୍ଜୁନର ମାନସିକ ବ୍ୟଥାର ନିଦାନ କରିବା ସମୟରେ ଜଣେ ମନୋବୈଜ୍ଞାନିକ ଭାବେ ନିଜକୁ ପ୍ରତିପାଦିତ କରିଥିଲେ । କଂସକୁ ସଂହାର ବେଳେ ଜଣେ ଧର୍ମାବତାର ପାଲଟିଥିଲେ । ସ୍ୱାର୍ଥ ପୋଷିତ ରାଜନୀତିର ପ୍ରତିକାର କରି ଜଣେ ଆଦର୍ଶ ରାଜନୀତିଜ୍ଞ, ମୋହନ ବଂଶୀବଜାଇ ଜଣେ ଶ୍ରେଷ୍ଠ ସଙ୍ଗୀତଜ୍ଞ, ବ୍ରଜବାସୀଙ୍କ ଆଗରେ ପ୍ରେମାବତାର, ସୁଦାମା ଆଗରେ ଜଣେ ଆଦର୍ସ ବଂଧୁ ସୁଦର୍ଶନ ଚକ୍ରଧାରୀ ରୂପରେ ଜଣେ ଯୋଦ୍ଧା ଓ ସାମାଜିକ କ୍ରାନ୍ତିର ପ୍ରେରଣାଦାତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ । ତାଙକ ଜୀବନର ଅନେକ ଛୋଟ ଛୋଟ ଘଟଣା ମଧ ସମାଜ ପାଇଁ ପ୍ରେରଣାଦାୟୀ । ସେ ଥିଲେ ସର୍ବ ଏଶ୍ୱର୍ଯ୍ୟ ସମ୍ପନ୍ନ । ଧର୍ମର ସାକ୍ଷାତ୍ ମୂର୍ତ୍ତୀ, କୁଶଳ ରାଜନୈତିଜ୍ଞ ଥିଲେ ଶ୍ରୀକୃଷ୍ଣ । ସୃଷ୍ଟି ସଂଚାଳକ ରୂପରେ ସେ ଥିଲେ ଜଣେ ମହା ପ୍ରବନ୍ଧକ । ତାଙ୍କ ପ୍ରବନ୍ଧନର ମନ୍ତ୍ର ଅନୁସାରେ ଶ୍ରେଷ୍ଠ ବ୍ୟକ୍ତି ସର୍ବଦା ପଦବୀ ଏବଂ ଗାରିମା ଅନୁରୂପ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିବା ଉଚିତ । କାରଣ ସେହି ବ୍ୟକ୍ତିମାନେ ଲୋକଙ୍କ ପାଇଁ ଆଦର୍ଶ ଅଟନ୍ତି । ସେମାନଙ୍କୁ ଲୋକ ଅନୁକରଣ କରିଥାନ୍ତି । କୁରୁକ୍ଷେତ୍ରର ଯୁଦ୍ଧଭୂମୀରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଯେଉଁ ଉପଦେଶ ଦେଇଥିଲେ ତାହା ହେଉଛି ପ୍ରବନ୍ଧନ ବା ମ୍ୟାନେଜମେଣ୍ଟର ଅମରସୁକ୍ତ ।

ମୋହବଶ ହୋଇଥିବା ଅର୍ଜୁନ ଯୁଦ୍ଧଭୂମୀରେ ଅସ୍ତ୍ର ତ୍ୟାଗ କରିଦେଇଥିଲେ । ସେତେବେଳେ ଗୀତାର ଉପଦେଶ ମାଧ୍ୟମରେ ଶ୍ରୀକୃଷ୍ଣ ତାଙ୍କୁ ଧର୍ମାନୁସାରେ କର୍ମ କରିବାରେ ପ୍ରେରଣା ଦେଇଥିଲେ । ଉପଦେଶ ମାଧ୍ୟମରେ ସେ ଅର୍ଜୁନଙ୍କୁ ପ୍ରବନ୍ଧନର ସୁତ୍ର ବୁଝାଇଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ମନୁଷ୍ୟର ମନରେ ଯଦି କାମନା ଥାଏ ତାଙ୍କୁ କେବେ ସୁଖ ଶାନ୍ତି ମିଳି ନଥାଏ । ତେଣୁ ସୁଖ ଶାନ୍ତି ପାଇବାକୁ ହେଲେ କାମନାକୁ ତ୍ୟାଗ କରିବାକୁ ପଡିବ । ଆମେ କର୍ମକରିବାବେଳେ ତାର ଫଳ କ'ଣ ହେବ ସେକଥା ଭାବିଲେ ଆମେ ଦୁର୍ବଳ ହୋଇଯିବା । ଏଣୁ ଆମେ ପରିଣାମର କଥା ଚିନ୍ତା ନକରି ନିଜର କର୍ମ ପ୍ରତିଧାନ ଦେବା ଆବଶ୍ୟକ ଯାହା ଫଳରେ ଆମେ ଆମ କର୍ତ୍ତବ୍ୟର ପାଳନ କରି ପାରିବା ଓ ଏହା ହେଉଛି ପ୍ରବନ୍ଧନର ଆଦିସୁତ୍ର । ଶ୍ରୀକୃଷ୍ଣଙ୍କ ପ୍ରଶାସନିକ ଏବଂ ରାଜନୈତିକ ଚରିତ୍ର ଅତ୍ୟନ୍ତ ଆଲୌକିକ । ସେଥିରୁ ସମଗ୍ର ବିଚାର ଦର୍ଶନର ସଂକ୍ଷେପ ସଂଦେଶ ହେଉଛି- କର୍ମ । କର୍ମ ମାଧ୍ୟମରେ ହିଁ ସମାଜର ଅନିଷ୍ଟକାରୀ ପ୍ରବୃତ୍ତିକୁ ଦମନକରି ତା ସ୍ଥାନରେ ବରେଣ୍ୟ ପ୍ରବୃତ୍ତିକୁ ସ୍ଥାପନ କରାଯାଇପାରେ । ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଅସୀମ କରୁଣାରେ ପରିପୂର୍ଣ୍ଣ । କିନ୍ତୁ ଅନୀତି ଏବଂ ଅତ୍ୟାଚାରର ପ୍ରତିକାର କରିବା ଭଳି କଠୋର ବ୍ୟକ୍ତିତ୍ୱ ତାଙ୍କଠାରେ ମଧ ରହିଥିଲା । ଭକ୍ତଙ୍କ ପାଇଁ ଯାହାଙ୍କ ହୃଦୟ ତରଳିଯାଉଥିଲା ସେହି ଶ୍ରୀକୃଷ୍ଣ ଦଣ୍ଡ ଦେବା ପାଇଁ ଅତ୍ୟନ୍ତ କଠୋର ହୋଇଯାଉଥିଲେ । କେବେ ପ୍ରେମ କରିବା, କେବେ ଘୃଣା କରିବା, କେବେ କଠୋର ହେବା ଓ କେବେ ଦୟାବାନ ହେବା ସେ ସବୁ କଥା ଉଚିତ୍ ପ୍ରବନ୍ଧନରେ ହିଁ ସମ୍ଭବ । ନିଜର ଜନ୍ମଠାରୁ ଲୀଳା ସମାପ୍ତି ପୁରା ଅବତାର ସମୟ ମଧ୍ୟରେ ଶ୍ରୀକୃଷ୍ଣ ଅନେକ ସଂଘର୍ଷକୁ ଦେଖିଛନ୍ତି ଓ ସମାପ୍ତି କରିଛନ୍ତି । ପରିସ୍ଥିତିକୁ ଅନୁକୂଳ କରିବାର କଳା ହିଁ ତାଙ୍କ ପାଖରେ ଥିଲା । ତାଙ୍କ ଶିକ୍ଷା ମଧ ଉଚ୍ଚକୋଟୀର ଥିଲା ଯେଉଁଥିପାଇଁ ତାଙ୍କ ବ୍ୟକ୍ତିତ୍ୱର ରଚନାତ୍ମକ ବିକାଶ ଘଟିଥିଲା ।


ରାମଚନ୍ଦ୍ରପୁର, ରଣପୁର

ମୋ -୯୪୩୮୪୮୫୦୯୪


# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

॥ ପ୍ରଦୀପ କୁମାର ବିଶ୍ୱାଳ ॥

‘ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ, ଇନ୍ଦ୍ରାରି ବ୍ୟାକୁଲଂ ମୃଡୟନ୍ତି ଯୁଗେ ଯୁଗେ ।’ ଶ୍ରୀମଦ୍ ଭାଗବତରେ କୁହାଯାଇଛି ‘କୃଷ୍ଣ ହିଁ ସ୍ୱୟଂ ଭଗବାନ’ । ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି କୃଷ୍ଣ ହେଉଛନ୍ତି ସର୍ବୋତ୍ତମ ଉତ୍ସ ଯେଉଁଥିରୁ ବ୍ରହ୍ମା, ବିଷ୍ଣୁ, ଶିବ ଓ ପ୍ରକୃତି ଉତ୍ପତି ହୋଇଥିଲେ । କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ, ଅନ୍ୟ ଅବତାରମାନେ ତାଙ୍କର ଅଂଶବିଶେଷ । ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି,

**‘ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।**
**ପରତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍**
**ଧର୍ମସଂସ୍ଥାପର୍ନାଥାୟ ସମ୍ଭବାମି ଯୁଗେ ଯୁଗେ ।’**

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଲାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ । ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୨୬.୮.୨୦୨୪ରିଖ ସୋମବାର ଦିନ ପାଳନ କରାଯିବ । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍ । ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ସୋମବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି । ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ । ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃ ଲୋକଂ ଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ । ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୪ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୫୦ତମ ଜନ୍ମତିଥି । ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ ହେଉଥାଏ । ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୂମଣ୍ଡଳ । ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା ‘ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ’ । ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରାଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧ୍ୟରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୂମିଷ୍ଠ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ) । ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧ୍ୟରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ । ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ । ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି । ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି । ଘୋର ଅନ୍ଧକାର ମଧ୍ୟରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି । ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ ଉଗ୍ରସେନ ନଛୋଡ ବନ୍ଧା । ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି । ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ । ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ । ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ । ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା । ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚ ଯଶୋଦଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ । ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା ।

## ଡ୍ରାଇଭର ସଂଘର ଆନ୍ଦୋଳନର ପ୍ରଭାବ ଏବେ ତୈଳ ପରିବହନ ଉପରେ ପଡିଛି

ନୟାଗଡ଼, ( ମହାଭାରତ ) : ଡ୍ରାଇଭର ସଂଘର ଆନ୍ଦୋଳନର ପ୍ରଭାବ ଏବେ ତୈଳ ପରିବହନ ଉପରେ ପଡିଛି । ପେଟ୍ରୋଲ ଟ୍ୟାଙ୍କର ପରିବହନ ବନ୍ଦ ରହିଥିବାରୁ ପେଟ୍ରୋଲ ପମ୍ପ ଗୁଡ଼ିକରୁ ତେଲ ସରିଯିବା ଫଳରେ ଗାଡି ଚାଳକ ମାନେ ନିରାଶ ହୋଇ ଫେରୁଛନ୍ତି । ନୟାଗଡ଼ ଜିଲ୍ଲାରେ ଗତ କାଲି ରାତି ରୁ ପେଟ୍ରୋଲ ପମ୍ପ ଗୁଡ଼ିକ ରେ ତେଲ ନାହିଁ । ବିଶେଷ କରି ଆଜି ସକାଳୁ ନୟାଗଡ଼ର କଲେଜ ପେଟ୍ରୋଲ ପମ୍ପ, ଲେଙ୍କୁଡିପଡ଼ା, ନୂଆ ବସ ଷ୍ଟାଣ୍ଡ, ଦୁର୍ଗା ପ୍ରସାଦ, ବଲାଙ୍ଗି ପାର୍କ ପେଟ୍ରୋଲ ପମ୍ପ ତେଲ ନଥିବାରୁ ଗାଡି ଚାଳକ ମାନେ ଏହି ପେଟ୍ରୋଲ ପମ୍ପ ମାନଙ୍କୁ କୁ ଆସି ନିରାଶ ହୋଇ ଫେରୁଛନ୍ତି । ଏହାକୁ ନେଇ ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ମିଳିବା ପରେ ଫଳ ଓ ପନି ପରିବା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ମାଲ୍ ପରିବହନରେ ମଧ୍ୟ ସମସ୍ୟା ଦେଖା ଦେଇଛି । ସେପଟେ ଏହାର ଫାଇଦା ଉଠାଇବା ପାଇଁ ଗତ କାଲି ରାତି ରୁ ଅସାଧୁ ବ୍ୟବସାୟୀ ମାନେ ପେଟ୍ରୋଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଜୁତ୍ ରଖି କଳାବଜାରୀ କରି ଚଢ଼ା ଦରରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି ।

## ଜାତୀୟ ସ୍ତରୀୟ ବୁଥ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜାତୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର କାଶ୍ୟପି ବେହେରା , ମିତାଳି ମଧୁସ୍ମିତା ପାଢ଼ୀ ଓ ସହକାରୀ ଜିଲ୍ଲାପାଳ ନିର୍ବାଚନ ବିଭାଗ ଶ୍ରୀ ମନୋଜ କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ ପ୍*ମ ଦିବସ ତାଲିମ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଭାରତ ନିର୍ବାଚନ କମିଶନର ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲାର ୧୩୬-ମୋହନା(ଝଜ)ବିଧାନସଭା ନିର୍ବାଚନମଣ୍ଡଳୀର ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଆଜିର ଏହି ପ୍*ମ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୧୦୦ ଜଣ ବୁଥ ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ନୂତନ ଭୋଟର ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗ କରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା ,ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ,ଫର୍ମ -୭ ରେ ନାମକୁ ବାଦ କରିବା, ଫର୍ମ -୮ ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ଯୋଗ୍ୟ ବିବେଚିତ ଭୋଟର ମାନେ ଅନଲାଇନ୍ ମାଧ୍ୟମରେ ଙ୍ଗଙ୍ଗଙ୍ଗ.ଭଙ୍ଗସ୍ୱକ୍ଟ.ଙ୍କ୍ଟସ୍ୱରକ୍ସକ୍ଟକ୍ଟକ୍ସସ୍ୱବକ୍ଷ.ରମସ.ଶକ୍ଟଙ୍ଗ.ସଭ ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ମଧ୍ୟ ଆବେଦନ କରିପାରିବେ । ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍*ମ ଦିନ ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଶ ଜଣ ମାଷ୍ଟୋର ଟ୍ରେନର ବାଭ ରେ ଉପସ୍ଥିତ ରହି ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମକୁ ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ଗୁରୁପୂର୍ଣ୍ଣିମାରେ ଗୁରୁଶିଷ୍ୟଙ୍କ ମିଳନ

ରାଜଗାଙ୍ଗପୁର, (ମହାଭାରତ) : ରାଜଗାଙ୍ଗପୁର ଲମଲୋଇ ଠାରେ ଥିବା ଶିରିଡିସାଇ ମନ୍ଦିର ରେ ଗୁରୁପୂର୍ଣ୍ଣିମା ରେ ପ୍ରଭୁ ଶ୍ରୀ ଶିରିଡିସାଇ ଭଗବାନଙ୍କୁ ଦର୍ଶନ କରିବା ପାଇଁ ଭିଡ଼ଦେଖିବାକୁ ମିଳିଥିଲା । ଭୋର ୪.୩୦ ରୁ ବାବାଙ୍କର ନୀତିକାନ୍ତି ଆରମ୍ଭ ହୋଇ ୭.୩୦ ସୁଧା ସମାପନ ହୋଇଥିଲା, ବାବାଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ମାନେ ଧାଡି ବାନ୍ଧି ଆସି ବାବାଙ୍କ ଦର୍ଶନ କରିବା ସହିତ ପୂଜା ଅର୍ଚ୍ଚନା କରିଥିଲେ, ଦୁଇ ପ୍ରହରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ସମାପନ ପରେ, ୪.୩୦ ସମୟରେ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା । ଶହଶହ ଶ୍ରଦ୍ଧାଳୁ ଏହି ଯାତ୍ରରେ ଯୋଗ ଦେଇଥିଲେ । ସନ୍ଧ୍ୟା ସମୟରେ ଶ୍ରୀ ଗୁରୁ ଭାଗବତ ଟୁଙ୍ଗୀ ର ସଦସ୍ୟ ମାନଙ୍କ ଦ୍ୱାରା ପୂଜ୍ୟ ଗୁରୁଜୀ ଡ଼ା ଚନ୍ଦ୍ରଭାନୁ ଶତପଥୀ ଙ୍କ ରଚିତ ଦିବ୍ୟ ଗ୍ରନ୍ଥ ଶ୍ରୀ ଗୁରୁ ଭାଗବତର ପାରାୟଣ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ଛୋଟଛୋଟ ପିଲାମାନଙ୍କ ନୃତ୍ୟ ବେଶ ଆନନ୍ଦ ଦାୟକ ହୋଇଥିବା ବେଳେ କମିଟିର ସଦସ୍ୟ ସପନ କୁମାର ପଣ୍ଡାଙ୍କ ର ଭଜନ ଦର୍ଶକ ଙ୍କ ମନ ମୁଗ୍ଧ କରିଥିଲା । ସନ୍ଧ୍ୟା ରେ ବାବା ଙ୍କ ଆଳତୀ ଦର୍ଶନ କରି ୮.୩୦ ସମୟରେ ବାବାଙ୍କ ପ୍ରସାଦ ସେବନ ଭକ୍ତ ମାନେ କରିଥିଲେ ।

## ଗ୍ରୀନ ପାରାଦୀପ ଟ୍ରଷ୍ଟ' ପକ୍ଷରୁ ଜଗନ୍ନାଥ ମନ୍ଦିର ପରିସର ଓ ବଡଦାଣ୍ଡରେ ସଫେଇ କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ପାରାଦୀପର ଅନ୍ୟତମ ଅଗ୍ରଣୀ ପରିବେଶଧର୍ମୀ ଅନୁଷ୍ଠାନ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ଏବଂ ପାରାଦୀପ ସାମ୍ବାଦିକ ମାନଙ୍କ ମିଳିତ ଆନୁକୂଲ୍ୟରେ ମଧୁବନ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ସକାଳେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ତଥା ଯୁବ ସାମ୍ବାଦିକ ରାକେଶ କୁମାର ପଟ୍ଟନାୟକ ଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଓ ସାମ୍ବାଦିକ ମାନେ ଯୋଗଦେଇ ମନ୍ଦିର ଭିତର ପରିସର ଓ ପରିସର ବାହାର ବଡଦାଣ୍ଡରେ ସଫେଇ କାର୍ଯ୍ୟ କରିଥିଲେ । ଏହି ସଫେଇ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ତଥା ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ସୁଧାଂଶୁ ନାୟକ, ସନ୍ତୋଷ ଭାରତୀ,ଆଲୋକ ମହାପାତ୍ର, ଦୀପକ ଦାସ, ବିବେକାନନ୍ଦ ରାଉତ, ସଂଗ୍ରାମ ରାଉତ, ପ୍ରଭାସ ଦାସ, ଗୌରାଙ୍ଗ ଜେନା,ତ୍ରିଲୋଚନ ମହାପାତ୍ର, ପ୍ରୀତି ରଞ୍ଜନ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ତେବେ ଟ୍ରଷ୍ଟ ର ଏପରି ମହତ କାର୍ଯ୍ୟ କୁ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଉଚ୍ଚ ପ୍ରଶଂସା କରିବା ସହ ରଥଯାତ୍ରା ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଓ ଏହାର ସଦସ୍ୟ ଓ ସଦସ୍ୟା ମାନଙ୍କୁ ପ୍ରଶଂସା କରିଥିଲେ ।

# ରାସ୍ତା ଘାଟରେ ଆତଙ୍କ ମଚାଉଛନ୍ତି ସ୍ପିଡ଼ ବାଇକ ରେସର




କାକଟପୁର, (ମହାଭାରତ) : ଦୁର୍ଘଟଣା ଏଭଳି ଏକ ଶବ୍ଦ ଯାହାକୁ ଶୁଣିଦେଲେ ହଟାତ ଦେହରୁ ରକ୍ତ ଶୁଖିଯାଏ, ଯେତେବେଳେ ଜଣେ ପରିବାର ଲୋକ ନିଜ ଆତ୍ମୀୟ ଙ୍କ ଦୁର୍ଘଟଣା ଘଟଣା ହଟାତ ଶୁଣେ ସେମାନଙ୍କ ଭିତରେ କଣ ବା ନଘଟୁଥିବ ! ଏବେ ସଡ଼କ ରେ ବୁଲୁଛି କେଟିଏମ ସହିତ ସ୍ପିଡ଼ ବୁଲେଟ, ଭୟାନକ ଭାବେ ଗାଡି ଚଳାଇବା ସହିତ ଆତଙ୍କ ରଚୁଛନ୍ତି ରାସ୍ତା ଘାଟ ରେ, ଏଭଳି ପରିସ୍ଥିତି ରେ ଏହି ବାଇକ ଗୁଡିକ ର ଚାଳକ ବାଇକ ରେସ୍ କରି ଯାଉଛନ୍ତି ଆପଣ ଦେଖିଲେ ବି ଭୟ କରିବେ, ନା ମାନୁଛନ୍ତି ରାସ୍ତା ରେ ଗାଡି ଚଳାଇବା ନିୟମ ନା ଏମାନଙ୍କ ପାଖରେ ରହିଛି ମାନବିକତା, ବର୍ତମାନ ରାସ୍ତା ଘାଟ ର ସମସ୍ୟା ସମ୍ପୂର୍ଣ୍ଣ ବିପଦଜନକ, ଅଲଡା ହଡ଼ା ଷଣ୍ଢ ଙ୍କୁ ରାସ୍ତା ରେ ଛାଡିଦେଉଛନ୍ତି, ପ୍ରବଳ ମାତ୍ରା ରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯାତାୟାତ ଗାଡି ଚାଳକ ଓ ପଥଚାରି ଏମାନଙ୍କ ପାଇଁ ଅନେକ ସମସ୍ୟା ର ସମ୍ମୁଖୀନ ହେଉଥିବା ବେଳେ ଅନ୍ୟ ପକ୍ଷ ରେ ଏହି ସ୍ପିଡ଼ ବାଇକ ରସର ଙ୍କ ପାଇଁ ଆହୁରି ଭୟଭୀତ ହେଇଯାଉଛନ୍ତି ଅନ୍ୟ ସାଧାରଣ ଗାଡି ଚାଳକ ଓ ପଥଚାରି, ସାଇଲେନ୍ସର କାଟି ଏଭଳି ଶବ୍ଦ ସୃଷ୍ଟି କରୁଛନ୍ତି ଯାହାକି ଫଳରେ ଶବ୍ଦ ପ୍ରଦୂଷଣ ବୃଦ୍ଧି ସହିତ ଅତିଷ୍ଠ ହେଇପଡୁଛନ୍ତି ସାଧାରଣ ଲୋକ, ଗୋଟେ ଗୋଟେ ବାଇକ ରେ ୨ ରୁ ୩ ଜଣ ବସି ଜନଗହଳି ପୂର୍ଣ୍ଣ ସ୍ଥାନରେ ଏଭଳି ଡ୍ରାଇଭ କରୁଛନ୍ତି ଅନ୍ୟ ମାନଙ୍କୁ ବିପଦ ରେ ପକାଉଛନ୍ତି, ଏମାନଙ୍କ ପାଇଁ ବୟସ୍କ ଲୋକ ଓ ମହିଳା ମାନେ ମଧ୍ୟ ଭୟଭୀତ ହେଲେଣି ରାସ୍ତା ଘାଟକୁ ଆସିବାକୁ, ଏବେ କଲେଜ ଖୋଲିଯିବା ପରେ କାକଟପୁର ମା ମଙ୍ଗଳା ମହାବିଦ୍ୟାଳୟ ରୁ ମୂଳାଗଡ଼ ମହିଳା ମହାବିଦ୍ୟାଳୟ ରାସ୍ତା ଓ ଅସ୍ତରଙ୍ଗ ଉତ୍କଳେଇ ମହାବିଦ୍ୟାଳୟ ଛକ ରୁ ଅସ୍ତରଙ୍ଗ ମହାବିଦ୍ୟାଳୟ ଛକ ରାସ୍ତା ରେ କମ୍ପନ ସହ ଦ୍ରୁତ ବେପରୁଆ ରୋଡ଼ ରୋମିଓ ମାନେ ଏହି ସ୍ପିଡ଼ ବାଇକ କୁ ଚଳାଇବା ସହ ଆତଙ୍କ ସୃଷ୍ଟି କରିବାରେ ମାହିର ହୋଇଯାଇଛନ୍ତି, ଏହି ସଂକ୍ରାନ୍ତ ରେ ଆମେ କାକଟପୁର ଥାନା ଅଧିକାରୀ ଉମେଶ ସାହୁ ଙ୍କ ସହ ଆଲୋଚନା କରିବା ପରେ ସେ ମତାମତ ଦେଇଥିଲେ ଯେ ଆଗରୁ ଏହି ସ୍ପିଡ଼ ବାଇକ ରେସର ଙ୍କ ନିକଟରୁ ଫାଇନ ଆଦାୟ ହୋଇଛି କିନ୍ତୁ ଆଗକୁ ଆମେ ଆହୁରି ଷ୍ଟ୍ରଙ୍ଗ କାର୍ଯ୍ୟାନୁଷ୍ଠାନ ନେବୁ, ଏବେ ପୋଲିସ ପ୍ରଶାସନ ସାଧାରଣ ଗ୍ରାମା*ଳ ଲୋକ ଙ୍କ ଗାଡି ଚେକିଂ ବଦଳ ରେ ଏହି ସ୍ପିଡ଼ ରେସର ଓ ରୋଡ଼ ରୋମିଓ ଙ୍କୁ ଧରିବାରେ ସକ୍ଷମ ହେଲେ ଆଗାମୀ ଦିନରେ ଅଂଚଳ ବାସି ସୁରକ୍ଷିତ ଯାତାୟାତ କରିପାରିବେ ବୋଲି ସାଧାରଣ ରେ ଚର୍ଚ୍ଚା ହୋଇଛି ।

# ଭକ୍ତିମୟ ପରିବେଶରେ ଗୁରୁଜନ ପୂଜନ ଉତ୍ସବ ଆୟୋଜିତ




ଉଦଳା, (ମହାଭାରତ) : ଗୁରୁ ବ୍ୟକ୍ତି ନୁହେଁ ଶକ୍ତି । ଯେଉଁ ଶକ୍ତି ଆମକୁ ଅନ୍ଧାରରୁ ଆଲୋକକୁ, ଅସତ୍ୟରୁ ସତ୍ୟକୁ, ମୃତ୍ୟୁ ରୁ ଅମୃତକୁ ପଥ ପ୍ରଦର୍ଶନ କରାଏ । ଗୁରୁ ବିନା ମୁକ୍ତି ନାହିଁ । ସ୍ୱୟଂ ଭଗବାନ ହିଁ ଗୁରୁଙ୍କ ଭିତରେ ଥାନ୍ତି । ଗୁରୁଶିଷ୍ୟ ପରମ୍ପରା ଯେତେ ସ୍ୱଚ୍ଛ ଯେତେ ମହତ୍ୱ ପୂର୍ଣ୍ଣ ହେବ ଗୁରୁଙ୍କ ଗୁରୁତା ଓ ଶିଷ୍ୟଙ୍କ ଶିଷ୍ୟତ୍ୱ ସେତେ ପ୍ରତିଭାଗ ହେବ । ସ୍ୱୟଂ ଭଗବାନଙ୍କ ସପ୍ତଦଶ ଅବତାର ନେଇ ଧରାବତରଣ କରିଥିବା ଆଦିଗୁରୁ, ମହର୍ଷି ବେଦବ୍ୟାସ ବ୍ୟାସଦେବଙ୍କ ପବିତ୍ର ଜନ୍ମତିଥି ଆଷାଢ ପୂର୍ଣ୍ଣିମା ପାଳନ ଅବସରରେ ଆଂଳିକ ଗୁରୁ ପୂଜନ କମିଟି, ଉଦଳା ଆନୁକୁଲ୍ୟରେ ସ୍ଥାନୀୟ ସନ୍ଧାନ ଗୃହରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଗୁରୁ ପୂଜନରେ ଯୋଗ ଦେଇଥିବା ଅତିଥିମାନେ ଏହି ମତାମତ ପ୍ରକାଶ କରିଥିଲେ । କମିଟିର ସ୍ଥାୟୀ ସଭାପତି ଆଇନଜୀବି ବସନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲ୍ଲୀପ ଦିକ୍ଷୀତ ମୁଖ୍ୟ ଅତିଥି, ସେବା ନିବୃତ୍ତ ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଉଦଳା ଏନଏସିର ନଗରପାଳ ପ୍ରମିଳା ପଣ୍ଡା ସ୍ୱତନ୍ତ୍ର ଅତିଥି, ଉପାଧକ୍ଷା ଲିଲି ଭୋଳ ଏବଂ ପ୍ରାକ୍ତନ ବିଧାୟକ ଶ୍ରୀନାଥ ସୋରେନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କମିଟିର ସମ୍ପାଦକ ସେବା ନିବୃତ୍ତ ଶିକ୍ଷକ ଦିଲ୍ଲୀପ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ୧୧ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମର ସ୍ରଷ୍ଟା ସ୍ୱର୍ଗତ ପ୍ରାକ୍ତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ସହଧର୍ମିଣୀ ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାୟକ ଏହି କାର୍ଯ୍ୟକ୍ରମ ପୃଷ୍ଠପୋଷକ ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାମୀଙ୍କ ସ୍ୱପ୍ନକୁ ପୁରା କରିବା ଦିଗରେ ଏହି ଉଦ୍ୟମ ପ୍ରତ୍ୟେକ ବର୍ଷ ଜାରି ରହିବ ବୋଲି ପ୍ରକାଶ କରିଥିଲେ । କମିଟିର କର୍ମକର୍ତା ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ ମଂ ଆହ୍ୱାନ କରିଥିଲା ବେଳେ ଅମୀୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଭୁ ଜଗନ୍ନାଥ, ମହର୍ଷି ବ୍ୟାସଦେବ, ସ୍ୱର୍ଗତ ଗୋଲକ ବିହାରୀ ନାୟକଙ୍କ ଫଟୋଚିତ୍ରରେମାଲ୍ୟାର୍ପଣ କରାଯାଇଥିଲା । ଆଂଳିକ ଇ ଟିଭି କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ଉଦଘାଟନୀ ସଙ୍ଗୀତରେ ଗୁରୁବନ୍ଦନା ଗାନ କରିଥିଲେ । ଇଂ ନାରାୟଣ ପୃଷ୍ଟି ପ୍ରଭୁ ଜଗନ୍ନାଥଙ୍କ ଫଟୋ ଓ ପ୍ରଦୀ ପ୍ରଜ୍ୱଳନ ପାଇଁ ସାଜସଜ୍ଜା କରିଥିଲେ । ପ୍ରାକ୍ତନ ଶିକ୍ଷକ ଲକ୍ଷ୍ମୀଧର ପୋଥାଳ, ସୁମତୀ ଜେନା, ରଜତ ପଣ୍ଡା, ଅସୀମା କର, ସେବା ନିବୃତ୍ତ ଅଧାପକ ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ମଧ୍ୟ ଏହି ଗୁରୁପୂଜନ ଉତ୍ସବର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସମ୍ବନ୍ଧରେ ମଂରେ ଆଲୋଚନା କରିଥିଲେ । କମିଟି କର୍ମକର୍ତା ଭାବେ ବିଜନ ନାୟକ, କୃଷ୍ଣଚୈତନ୍ୟ ସଦୁଆଳ, ସୀମାନ୍ତ ତ୍ରିପାଠୀ, ସମୀର ଷଡଙ୍ଗୀ, ମହେନ୍ଦ୍ର ନାଥ ସାହୁ, ପ୍ରହ୍ଲାଦ କୁମାର ଦାସ, ବନମାଳୀ ବେହେରା, ସୁଜିତ ମଝୁଆଳ, ଦୀପକ ଦାସ, ପ୍ରଦୀପ ପରିଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଅକୁଣ୍ଠ ସହଯୋଗ କରିଥିଲେ । ସୂଚନାଯୋଗ୍ୟ କି ଏହି କାର୍ଯ୍ୟକ୍ରମରେ ୧୪୦ ରୁ ଉର୍ଦ୍ଧ୍ୱ ସେବା ନିବୃତ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଡ୍ରାଇଭର ସଙ୍ଘ ଧର୍ମଘଟ, ଅନ୍ୟ ପଟେ ଅଚଳ ୧୦୮

ଅସ୍ତରଙ୍ଗ, (ମହାଭାରତ) : ସ୍ୱାସ୍ଥ୍ୟ ସେବା ପାଇଁ ସରକାର ଆଣୁଛନ୍ତି ଅନେକ ଯୋଜନା । ରୋଗୀ ମାନଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ର ରେ ୧୦୮ ଆମ୍ବୁଲାନ୍ସ ର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ରାସ୍ତା ଘାଟ ଦୁର୍ଘଟଣା ହେଉ କି ଘରୋଇ ଗୁରୁତ୍ୱର ରୋଗୀ ହୁଅନ୍ତୁ ୧୦୮ ଆମ୍ବୁଲାନ୍ସ ସେବା ପାଇଁ କଲ୍ ଗଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ର ଆମ୍ବୁଲାନ୍ସ ହେଉ କିମ୍ବା ପଡୋଶୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଆମ୍ବୁଲାନ୍ସ ଆସି ପହଂଚ ନିକଟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ ଙ୍କୁ ଭର୍ତୀ କରନ୍ତି ଆଉ ଚିକିତ୍ସା ପାନ୍ତି ରୋଗୀ କିନ୍ତୁ ସବୁଠୁ ଦୁଃଖ ର କଥା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଥିବା ୧୦୮ ଆମ୍ବୁଲାନ୍ସ ଆଜକୁ ୩ ଦିନ ହେବ ଅଚଳ ହୋଇ ପଡ଼ିରହିଛି । ଗୋଟେ ପଟେ ୩ ଦିନ ହେବ ଓଡିଶା ଡ୍ରାଇଭର ମହାସଂଘ ଧର୍ମଘଟ କୁ ଓଲହାଇ ଥିବା ବେଳେ ଏବେ ଅସ୍ତରଙ୍ଗ ରେ ରହୁଥିବା ଆମ୍ବୁଲାନ୍ସ ଅଚଳ ପ୍ରତ୍ୟେକ ରୋଗୀ ମାନଙ୍କୁ ହନ୍ତସନ୍ତ କରିଛି, ପୁରୁଣା ଆମ୍ବୁଲାନ୍ସ ର ମେଂଟେନାନ୍ସ ଠିକ ରୂପେ ହେଉନାହିଁ ଆଉ ଏହା ପରିବର୍ତେ ନୂତନ ଗାଡି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଯୋଗାଇ ଦେବା ପାଇଁ ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଇଛି । ବିଶେଷ ସୂତ୍ର ରୁ ସୂଚନା ମୁତାବକ ଏହି ସମୟ ରେ ଅସ୍ତରଙ୍ଗ କିମ୍ବା ଏହା ନିକଟବର୍ତ୍ତୀ ରୋଗୀ ୧୦୮ କୁ ଯୋଗାଯୋଗ କରିବା ପରେ ଅସ୍ତରଙ୍ଗ ଅଧୀନରେ ଥିବା ଆମ୍ବୁଲାନ୍ସ ଅଚଳ ବୋଲି ଜଣାପଡୁଛି । ଆଉ ଏହା ବଦଳ ରେ ୨୦ ରୁ ୩୦ କିଲୋମିଟର ଦୂରରୁ ଆମ୍ବୁଲାନ୍ସ ଆସୁଛି ବୋଲି ମଧ୍ୟ ସୂଚନା ଆସୁଛି, ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ର ରେ ବୈପ୍ଳବିକ ପରିବର୍ତନ ଆଣିଛନ୍ତି । ଏକ ବର୍ଷ ରେ ସରକାର ଙ୍କ ସ୍ୱାସ୍ଥ୍ୟ ସେବା ରେ ଅନେକ ପରିବର୍ତନ ଲକ୍ଷ କରାଯାଇଛି ବୋଲି ଅନେକ ଲୋକ ସରକାର ଙ୍କୁ ପ୍ରଶଂସା କରୁଛନ୍ତି ମାତ୍ର ଆମ୍ବୁଲାନ୍ସ ସେବା କୁ ଆହୁରି ପରିମାର୍ଜିତ କରିବାକୁ ସାଧାରଣ ରେ ଦାବୀ କରାଯାଉଛି ।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା କାଶୀ ନଗର ବ୍ଲକ ଅନ୍ତର୍ଗତ ସିଧାମଡଙ୍ଗ ପ୍ରାଥମିକ ସମବାୟ ସମିତି ପରିସରରେ ଆନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଉପ ନିବନ୍ଧକ ସମବାୟ ସମିତି ସମୂହ ଗଜପତି ବିଭାଜନ ପାରଳାଖେମୁଣ୍ଡି ପକ୍ଷରୁ ଜିଲ୍ଲା ସ୍ତରୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ୍,ସିନିୟର ଇଜଉଡ ତଥା ଉଜଉଝ ହରିହର ସେଠ,ଜିଲ୍ଲା ମୁଖ୍ୟ ବନଖଣ୍ଡ ଅଧିକାରୀ କେ ନାଗରାଜୁ,ସିଧାମଡଙ୍ଗ ପ୍ରାଥମିକ ସମବାୟ ସମିତି ସଭାପତି ଓଡିଶୀ ଜାନକୀ ରାଓ,ସିଧା ମଡଙ୍ଗ ପ୍ରାଥମିକ ସମବାୟ ସମିତି ସମ୍ପାଦକ ଡି. ସଞ୍ଜୀବ କୁମାର, ସରପ* ଜୀ. ସ୍ୱର୍ଣ୍ଣ ମଞ୍ଜରି, ଦେବରିରି ରେଞ୍ଜ ର ପ୍ରମୁଖ ମ*ାସିନ ଥିଲେ ।ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲାଅତିଥି ମାନେ ଗୋଟିଏ ଗୋଟିଏ ଗଛ ଲଗାଇ ଥିଲେ । ଆଜିର ଥିମ ରହିଛି ଗୋଟିଏ ଗଛ ମାଆଙ୍କ ନାମରେ ।ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେଲେ ପରିବେଶ ସୁରକ୍ଷା ରହିବା ସହିତ ମୁକ୍ତ ବାୟୁ ଆମେ ପାଇ ପାରିବା ବୋଲି ଅତିଥି ମାନେ କହିଥିଲେ ।ସମବାୟ ସମିତିର ସଦସ୍ୟ ମାନେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଏ ରାମ ପ୍ରସାଦ,ବାବୁଲି ସାମଲଙ୍କ ସମେତ ଲ୍ୟାମ୍ପସର କର୍ମଚାରୀ ପ୍ରାଥମିକ ସମବାୟ ସମିତିର କର୍ମଚାରୀଙ୍କ ସମେତ ସରପ*, ସମିତି ସଭ୍ୟ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

## ୩ ଚୋରଙ୍କୁ କୋର୍ଟ ଚାଲାଣ କଲା କୁନ୍ଦୁରା ପୋଲିସ

କୁନ୍ଦୁରା, (ମହାଭାରତ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଠାରେ ଚୋରି ଘଟଣା କୁ ନେଇ ୩ ଜଣ ଚୋର ଙ୍କୁ ଧରି କୋର୍ଟ ଚାଲାଣ କରିବାରେ ସଫଳ ହୋଇଛି କୁନ୍ଦୁରା ପୋଲିସ । କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଙ୍କ ସୂଚନା ପ୍ରକାରେ କୁନ୍ଦୁରା ବ୍ଲକ ସଦର ମହକୁମା ଠାରେ ରହୁଥିବା ଭକ୍ତହରି ଧଳ ୦୯/୦୭/୨୫ ରେ ଏକ ଚୋରୀ କେସ୍ ରୁଜୁ କରିଥିଲେ, ସେହି କେସ୍ କୁ ନେଇ କୁନ୍ଦୁରା ଥାନା ପକ୍ଷରୁ ଏକ ଟିମ ଗଠନ କରି ତଦନ୍ତ କରାଯାଇଥିଲା । ପୋଲିସ ଚତୁରତା ଦେଖାଇ କିଛି ସନ୍ଦେହ ହେଉଥିବା ବ୍ୟକ୍ତିଙ୍କୁ ଡାକି ପଚରା ଉଚୁରା କରିବା ବେଳେ ସେମାନେ ସତକଥା କହିଥିଲେ । ପୋଲିସ ପାଖରେ ଧରା ପଡ଼ିଥିବା ମୁରଲୀ ଗୋଲରି ୪୦ ପିତା ନନ୍ଦ, ସଲିମ ଖାନ ୨୩ ପିତା ଅବଦୁଲ ଏ ବ ସନ୍ତୋ । ଷ ରାଜୁ ୨୨ ପିତା ମୁରଲୀ



ଧର କୋରାପୁଟ ଜିଲ୍ଲା ଜୟପୁର ମାଦଳା ସାହି ଅଂଚଳ ର ହୋଇଥିବା ପୋଲିସ କହିଛି ।ଏତଲା ମୁତାବକ ପୋଲିଶ ଖୋଳତାଡ଼ କରିବା ପରେ ଚୋରି ହୋଇଥିବା ସମର ସୋଲ ପାଣି ମୋଟର ପମ୍ପ ଜବତ ହୋଇଛି ।ଏହି ଚୋର ମାନେ ଗତ ଦିନରେ ଏଠାରେ ପ୍ଲମ୍ବର କାର୍ଯ୍ୟ କରୁଥିବା ବେଳେ ଏହି ଚୋରି କରିବା ସଫଳ ହୋଇଥିବା ଜଣାପଡୁଛି ।ଏହାକୁ ନେଇ ପୋଲିସ ପକ୍ଷରୁ ୮୧/୨୫ ରେ କେଶ ରୁଜୁ କରିବା ସହ ଅପରାଧୀ ଚୋର ମାନେ ଅନ୍ୟ କେଉଁ ଅପରାଧରେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଜାରି ରଖିଥିବା ସହ ଚୋର ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି ।

# ଲୋପ ପାଇଯିବ ବାଉଁଶବୁଦା : ବେଆଇନ ଚାଲାଣ ହେଉଛି କରଡ଼ି




ନୟାଗଡ଼, (ମହାଭାରତ ) : ବାଉଁଶ ଗଛର ଅନେକ ଉପକାରିତା ଥିବାବେଳେ ପରିବେଶ ସନ୍ତୁଳନରେ ମଧ୍ୟ ଏଗୁଡ଼ିକର ଭୂମିକା ରହିଛି । କିନ୍ତୁ ଧୀରେ ଧୀରେ ଗ୍ରାମା*ଳରେ ଥିବା ବାଉଁଶ ବୁଦା ପରିମାଣ ହ୍ରାସ ହେବାରେ ଲାଗିଛି । ଜମି ଗୁଡ଼ିକ ଅନ୍ୟ ଉଦ୍ଦେଶ୍ୟରେ ବିନିଯୋଗ ହେବା କାରଣରୁ ବାଉଁଶ ଗଛ ବ୍ୟାପକ ଭାବେ କଟାଯାଉଛି । ତେବେ ଯେତିକି ରହିଯାଉଛି ତାହାକୁ ମଧ୍ୟ ସୁରକ୍ଷିତ ରଖିବା ଆଜିର ଯୁଗରେ ଏକ ଆହ୍ୱାନ ସଦୃଶ ହୋଇଛି । ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅ*ଳରେ ବ୍ୟାପକ ବାଉଁଶ ବଣ ଥିବା ବେଳେ ଏଗୁଡ଼ିକର ସୁରକ୍ଷା ନେଇ ଏବେ ଚିନ୍ତା ପ୍ରକଟ କରିଛନ୍ତି ପରିବେଶ ପ୍ରେମୀ । ବେଆଇନଭାବେ କରଡ଼ି ଚୋରାଚାଲାଣ ଯୋଗୁ ଏହି ଅ*ଳରେ ବାଉଁଶ ଗଛ ବୃଦ୍ଧିରେ ରୋକ ଲାଗିବା ଆଶଙ୍କା କରାଯାଉଛି । ଏହି ଅଂଚଳରେ ବାଉଁଶ ଗଜା ସମୟରେ ବାଧକ ସାଜୁଛନ୍ତି କରଡ଼ି ମାଫିଆ । ବର୍ଷା ଆରମ୍ଭରୁ ବାଉଁଶ ମୂଳରୁ ବାହାରୁଥିବା ଗଜାକୁ ଭାଙ୍ଗି ନିଆଯାଉଛି । ସେସବୁ ଗଜାକୁ ଛୋଟ ଛୋଟ କରି କାଟି କରଡ଼ି ପ୍ରସ୍ତୁତ କରିବା ସହ ଜିଲ୍ଲା ଓ ଜିଲ୍ଲା ବାହାରକୁ ଚାଲାଣ କରାଯାଉଛି । ଫଳରେ ବାଉଁଶ ବୃଦ୍ଧିରେ ବାଧକ ସୃଷ୍ଟି ହେଉଛି । ବିଶେଷକରି ଜଙ୍ଗଲରେ ବାଉଁଶର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହେଉଛି । ବର୍ଷାଋତୁ ଆରମ୍ଭରୁ ବାଉଁଶ ମୂଳରୁ ଗଜା ସୃଷ୍ଟି ହୋଇଥାଏ । ସେସବୁ ଗଜା ବଡ଼ ହୋଇ ବାଉଁଶ ଗଛ ହୋଇଥାଏ । ହେଲେ ଗଜା ଆରମ୍ଭରୁ ଦଶପଲ୍ଲା ବ୍ଲକର ବିଭିନ୍ନ ପ*ାୟତରେ ନିର୍ଦ୍ଦିଷ୍ଟ କିଛି ମାଫିଆ ବ୍ୟବସାୟ ଉଦ୍ଦେଶ୍ୟରେ ଜଙ୍ଗଲରୁ ସେସବୁ ଗଜାକୁ ସଂଗ୍ରହ କରୁଛନ୍ତି । ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କୁ ପାରିଶ୍ରମିକ ଦେଇ ଜଙ୍ଗଲରୁ ସେସବୁ ଗଜାକୁ ସଂଗ୍ରହ କରାଯିବା ପରେ ଛୋଟ ଛୋଟ କରି କରଡ଼ି ପ୍ରସ୍ତୁତ କରାଯାଉଛି । ସେସବୁ କରଡ଼ି ସୁସ୍ୱାଦୁ ହୋଇଥିବା ବେଳେ ଏହାକୁ ତରକାରୀ ଭାବେ ବ୍ୟବହାର କରାଯାଏ । ବର୍ଷରେ କିଛିଦିନ ପାଇଁ ସେସବୁ କରଡ଼ି ବିକ୍ରୟ ହେଉଥିବା ବେଳେ ଏହାର ବଜାର ଚାହିଦା ମଧ୍ୟ ରହୁଛି । ବଡ଼ ବଡ଼ ସହରରେ ଏହି କରଡ଼ି ର ଚାହିଦା ରହିବା ସହ ଅଧିକ ମୂଲ୍ୟ ରହୁଥିବା ହେତୁ ମାଫିଆ ମାନେ ରାତିରେ ବସ୍ ଯୋଗେ ସେସବୁ କରଡ଼ିକୁ ଜିଲ୍ଲା ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି । ବିଶେଷକରି ଦୀର୍ଘଦିନ ଧରି ଦଶପଲ୍ଲା ବନା*ଳ ଅଧିକାରୀ ପଦବି ଖାଲି ପଡ଼ିଥିବା ବେଳେ କର୍ମଚାରୀ ମାନେ ଏଦିଗରେ ଗୁରୁତ୍ୱ ଦେଉ ନାହାନ୍ତି । ଯାହାର ସୁଯୋଗ ନେଇ ମାଫିଆ ମାନେ ଏବେ ବେଧଡ଼କ ଭାବେ କରଡ଼ି ବ୍ୟବସାୟ ଚଳାଇ ଆସିଥିବା ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ, ହାଟ ବଜାରରେ ମଧ୍ୟ ଖୋଲମ ଖୋଲା ଭାବେ କରଡ଼ି ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି ।

## ଆସିକା ବ୍ଲକଠାରେ ବିଏଲଓ ମାନଙ୍କଏକ ଦିବସୀୟ ପ୍ରଶିକ୍ଷଣ ଶିବିର




ଆସିକା(ମହାଭାରତ): ଆସିକା ପଞ୍ଚାୟତ ସମିତି ସଭାଗୃହ ଠାରେ ବିଏଲଓ ମାନଙ୍କଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।୧୨୮ ଆସିକା ର୍ନିବାଚନ ମଣ୍ଡଳୀ ର ବୁଥ ସ୍ତରୀୟ ଅଧିକାରୀ ମାନଙ୍କ ସକାଶେ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି ।ଆସିକା ପଂଚାୟତ ସମିତି ସଭାଗୃହ ଠାରେ ଆୟୋଜିତ ଏହି ତାଲିମ ଶିବିରରେ ପୋଲସରା ତହସିଲଦାର ଦୀପ୍ତି ମୟୀ ପାତ୍ର, ବୁଗୁଡ଼ା ତହସିଲଦାର ତାପସ ରାଉତ,ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ବିଡ଼ିଓ ଲିପିନା ଦାସ,ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୁ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରିଣୀ ରାଜଶ୍ରୀ ସାହୁ ସଂଯୋଜନା କରିଥିବା ବେଳେ ଆସିକା ବ୍ଲକ ର ବୁଥ ନମ୍ବର ୦୧ ଠାରୁ ୫୧ ନମ୍ବର ବୁଥ ର ବିଏଲଓ ଓ ୦୫ ଜଣ ସୁପରଭାଇଜର ପ୍ରଶିକ୍ଷଣ ରେ ଉପସ୍ଥିତ ରହିଥିଲେ। ପ୍ରତ୍ୟେକ ବୁଥ ରେ ଥିବା ଭୋଟର ମାନଙ୍କ ନାମ ଲେଖା, ଭ୍ରମିତ ନାମ ର ସଂଶୋଧନ, ନୂତନ ଭାବେ ଭୋଟର କାର୍ଡ ପାଇଁ ଆବଶ୍ୟକ କାଗଜ ପତ୍ର, ଭୋଟର କାର୍ଡ ବଣ୍ଟନ, ଭୋଟର ଆପର ବ୍ୟବହାର, ବିଭିନ୍ନ ଫର୍ମ ଉପରେ ଆଲୋଚନା, ବି ଏଲ ଓ ମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ଦିବସୀୟ ତାଲିମ ପ୍ରଦାନ କରାଯାଇଥିଲା ।

# ବଢୁଛି ମୁଣ୍ଡ , ବଢ଼ି ଚାଲିଛି ମା ର ଚିନ୍ତା



କପ୍ତିପଦା-(ମହାଭାରତ): କପ୍ତିପଦା -ବଢୁଛି ମୁଣ୍ଡ ବଢ଼ି ଚାଲିଛି ପରିବାର ର ଦୁଃଖ। କାହିଁ କେତେ ତପସ୍ୟା ପରେ ଭଗବାନ ଙ୍କ କୃପାରୁ ସନ୍ତାନ ଟିଏ ଜନ୍ମ ଲାଭ କରିଥାଏ। ପରିବାର ମଧରେ ହସ ଖୁସିର ଲହରୀ ଖେଳିଯାଇଥାଏ। ପିତା ମାତା ଙ୍କର ଥାଏ ଅସୁମାରୀ ସ୍ୱପ୍ନ। କିନ୍ତୁ ହଠାତ୍ ଜୀବନ ମଧ୍ୟକୁ ପ୍ରବେଶ କରିଥାଏ ଲୋତକପୂର୍ଣ୍ଣ ମୁହୂର୍ତ୍ତ। ଶିଶୁଟି ଜନ୍ମ ନେବା ପରେ ପରିବାର ଲୋକଙ୍କ ଖୁସି ପରିବର୍ତ୍ତେ ମାଡ଼ିଆସିଛି କଷ୍ଟ। ସତେ ଯେମିତି ଗରିବ ଓ ଦିନ ମଜୁରିଆ ଙ୍କର ଦୁଃଖ ର ପାହାଡ ଠିଆ ହୋଇଛି ।ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ତଳପଡ଼ିଆ ଗ୍ରାମରେ ଏଭଳି ଏକ ଲୋତକପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି।ଗ୍ରାମର ଦେବେନ୍ଦ୍ର ମଡେଇ ତାଙ୍କ ପତ୍ନୀ ମିତା ମଡେଇ ଙ୍କର ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା।ଯାହାର ନାମ ରାଜେଶ୍। ରାଜେଶ୍ ବଢ଼ିବାର ଏକ ମାସପରେ ତାର ମୁଣ୍ଡ ବଢ଼ିବାର ଦେଖିବାକୁ ମିଳିଥିଲା। ପିଲାଟି ସବୁବେଳେ ଶୋଇ ରହୁଥିବା ବେଳେ ରାତିରେ ମା ବି ତା ପାଇଁ ଶୋଇ ପାରୁନାହିଁ। ମା ମିତା ପୁଅର ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ କୁ ନେଇ ଯାଇଥିବା ବେଳେ ଡ଼ାକ୍ତର ଦେଖି ଦୁଇ ଲକ୍ଷ ରୁ ତିନି ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଯାହା ଫଳରେ କି ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ମିତା ଙ୍କ ପରିବାର କହିଲେ ସ୍ୱାମୀ ଦେବେନ୍ଦ୍ର ଓ ଦୁଇ ପିଲା। ମୂଲ ମଜୁରୀ ଲାଗିଲେ ନିଜର ପରିବାର ଚଳେ। କାମ ନ ମିଳିଲେ ଓଳିଏ ଖାଇଲେ ଓଳିଏ ଉପାସ ରୁହନ୍ତି ପରିବାର।ପୁଅର ଯନ୍ତ୍ରଣା ଦେଖି ଭାଙ୍ଗି ପଡ଼ିଛନ୍ତି ବାପା ମା ଗୋଟିଏ ପଟେ ଚିକିତ୍ସା ପାଇଁ ଅର୍ଥର ଅଭାବ ଅନ୍ୟପଟେ ଗରିବି ସତେ ଯେମିତି ଦୁଃଖ ର ପାହାଡ଼ରେ ଛିଡ଼ା କରିଦେଇଛି। ପୁଅର ଚିକିତ୍ସା ପାଇଁ ଯାହା କିଛି ଥିଲା ସବୁ ସାରିଦେଇଥିବା ବେଳେ ଏହି ପରିବାର ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସରକାରୀ ସହାୟତା କିମ୍ବା ବଦାନ୍ୟ ବ୍ୟକ୍ତିଙ୍କର ସୋହଯୋଗ ମିଳିଲେ ରାଜେଶ୍ ନିଜର ଚିକିତ୍ସା କରାଇବା ସହ ପାରିବାରର ଦୁଃଖ ଦୂର ହୋଇପାରିବ ବୋଲି କହିଛନ୍ତି ପଡୋଶୀ।

# ଗୁରୁ ବିନା ଜୀବନ ବୃଥା

କପ୍ତିପଦା-(ମହାଭାରତ): କପ୍ତିପଦା - ଗୁରୁ ଏହି ଶବ୍ଦର ଅର୍ଥ ବହୁତ ଅଧିକ। ଯାହାକୁ ବେଶ ଭଲ ଭାବେ ବୁଝିଛନ୍ତି ଯୁବ ଗୋଷ୍ଠୀ। ଆଉ ସେହି ଗୁରୁଜନ ଙ୍କୁ ପୂଜନ ସମୟରେ ଦେଖିବାକୁ ମିଳିଛି ଗୁରୁ ଶିଷ୍ୟର ନିଆରା ପରମ୍ପରା। ମୁଣ୍ଡରେ ଲଗାଯାଉଛି ଚନ୍ଦନ ଆଉ ସମସ୍ତଙ୍କ ପାଦ ତଳେ ପ୍ରଣାମ କରି ସ୍ୱାଗତ କରାଯାଉଛି। କାହିଁକି ନା ସମସ୍ତେ ହେଲେ ଗୁରୁ, ଯିଏ କି ସର୍ବଦା ପୂଜ୍ୟ। ଏଭଳି ଚିତ୍ର ଯାହା ଯେତିକି ଭାବାବେଗ ସେତିକି ଶିକ୍ଷଣୀୟ। ଏ ଚିତ୍ର ଦେଖିବାକୁ ମିଳିଛି ଉଦଳା ଠାରେ। କାରଣ ଗୋଟିଏ ଜାଗାରେ ଏକତ୍ରିତ ହୋଇଛନ୍ତି ଅବସରପ୍ରାପ୍ତ ସମସ୍ତ ଗୁରୁ।ଉଦଳା ସନ୍ଧାନୀ ଗୃହ ରେ ଆୟୋଜିତ ହୋଇଥିବା ଗୁରୁପୂଜନ ଉତ୍ସବରେ ଦେଖାଯାଇଛି ଗୁରୁ ଶିଷ୍ୟ ପରମ୍ପରାର ନିଆରା ନିଦର୍ଶନ। ଏପରିକି ସମସ୍ତ ଗୁରୁ ଙ୍କୁ ଏକ ଜାଗାରେ ପୂଜା କରାଯିବା ସହିତ ଉତ୍ତରୀୟ ଦିଆ ଯାଇ ସମ୍ମାନିତ କରାଯାଉଛି। ଯାହାକୁ ଦେଖି ଏବଂ ସେହି ଭାବ ର ପରିବେଶରେ କିଛି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଙ୍କ ଆଖି ବି ଓଦା ହୋଇଯାଇଛି। ପୂର୍ବରୁ ଗୁରୁ ଶିଷ୍ୟଙ୍କ ଭିତରେ ଥିବା ସମ୍ପର୍କ ବା ଗୁରୁ ଶିଷ୍ୟ ପରମ୍ପରା ଆଜିର ଦିନରେ ଫିକା ପଡି ଯାଇଛି। ହେଲେ ଆଜି ବି ମନେ ପଡେ ସେହି ଗୁରୁ ପାଉଣା ଗୁରୁ ବିନା ଅନ୍ୟଗତି ନାହିଁ, ଗୁରୁ ବିନା ଜୀବନ ଅଧୁରା। ଏଭଳି କିଛି ଆଲୋଚନା ହେବା ସହିତ ଏହି ନିଆରା ପରମ୍ପରା ଆରମ୍ଭ କରିଥିବା ଉଦଳାର ପୂର୍ବତନ ବିଧାୟକ ଗୋଲକ ନାଏକଙ୍କ ସମେତ ଗୁରୁ ବ୍ୟାସଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ମଂଚସୀନ ଅତିଥି। ଏହା ସହିତ ଦିବ୍ୟଙ୍ଗତ ଗୁରୁ ଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଗୁରୁ ଶିଷ୍ୟ ପରମ୍ପରା କୁ ବଞ୍ଚାଇ ରଖିବା ଏବଂ ଗୁରୁ ଙ୍କ ସମ୍ମାନ ପାଇଁ ଏଭଳି ନିଆରା ପଦକ୍ଷେପ ବେଶ ସ୍ୱାଗତ ଯୋଗ୍ୟ। ଯାହାକୁ ସମସ୍ତେ ଭୁୟସୀ ପ୍ରସଂଶା କରିଛନ୍ତି। ଏହା ସହିତ ଗୁରୁ ହିଁ ଇଶ୍ୱର, ଗୁରୁ ହିଁ ସବୁ ଏହାକୁ ସମସ୍ତେ ବୁଝିଲେ ଜୀବନରେ ଆଗକୁ ବଢ଼ି ପାରିବେ। ଏ ସବୁ ଭିତରେ ଗୁରୁ ଶିଷ୍ୟ ଙ୍କ ପରମ୍ପରାକୁ ନେଇ ହୋଇଥିବା ଏଭଳି ଏକ ଚେଷ୍ଟା ନିଶ୍ଚିତ ଭାବେ ଆଜିର ଯୁବପିଢିଙ୍କୁ ବାଟ ଦେଖାଇବ ବୋଲି ଆଶା।

## ଦେବଗଡ଼ରେ ଜିଲ୍ଲା ସ୍ତରୀୟ ଆଧାର କମିଟି ବୈଠକ



ଦେବଗଡ଼(ମହାଭାରତ): ଜିଲ୍ଲା ଇ ଶାସକ ପରିଚାଳକ ବିକାଶ ସାହୁ ଙ୍କ ତତ୍ତ୍ୱାବଧାନ ରେ ଆଧାର କାର୍ଡ ପ୍ରସ୍ତୁତି ର ବୈଠକ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ଅତିରିକ୍ତ ଜିଲ୍ଲା ଶ୍ରୀମତୀ ବିଲୁଙ୍ଗ ସମସ୍ତ ଙ୍କୁ ସ୍ୱାଗତ କରି ଜିଲ୍ଲାର ଆଧାର ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ । ଆଧାର କାର୍ଡ ଜେନେରେସନ ସମଗ୍ର ଓଡ଼ିଶାରେ ଯାହା କି ଜିଲ୍ଲାରେ ଆଧାର କାର୍ଡ ଯୋଗାଣ ର ଅଗ୍ରଗତି ସମ୍ବନ୍ଧରେ ପାଞ୍ଚ ବର୍ଷ ଯାଏଁ ପିଲାଙ୍କ ୬ ରୁ ୧୮ ବର୍ଷ ଯାଏଁ ଓ ୧୮ ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଆଧାର କାର୍ଡ କରିବା ପାଇଁ ସମସ୍ତଙ୍କ ର ସହଯୋଗ କାମନା କରିଥିଲେ। ଆଧାର କାର୍ଡ ପ୍ରସ୍ତୁତି ରେ ହେଉଥିବା ଅସୁବିଧା ଯଥା ନବଜାତ ମାନଙ୍କ କାର୍ଡ ତିଆରି, ଜନ୍ମ ତାରିଖ ବାରମ୍ବାର ପରିବର୍ତ୍ତନ ଓ ଛାତ୍ର ଛାତ୍ରୀ ମାନଙ୍କ କାର୍ଡ ରେ ଭୁଲ ସୁଧାରିବା, ଜନଜାତି ମାନଙ୍କ ର ଆଧାର ପ୍ରସ୍ତୁତି ସତ ପ୍ରତିଶତ କରିବା ଉପରେ ଆଲୋଚନା କରିଥିଲେ। ଆଧାର କାର୍ଡ ବିଭିନ୍ନ ବିଭାଗ ର ହିତାଧିକାରୀ ଚୟନ ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଏହାକୁ ନିର୍ଭୁଲ ଓ ସମୟସୀମା ମଧ୍ୟରେ ସମ୍ପୂର୍ଣ କରିବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ତୃତୀୟ ଦିନରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାରି



ପରଜଙ୍ଗ(ମହାଭାରତ) ପରଜଙ୍ଗ ବ୍ଲକ ଡିହଡୋଳ ଅଭର ବ୍ରିଜ୍ ଠାରେ ୭ଦଫା ନେଇ ବଲ୍ଲହର ଠାରୁ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ ଗାଡି ଚଳାଚଳ ଠପ ସହ ଜୋରଦାର ଆନ୍ଦୋଳନ ଜାରି ରହିଛି। ଯାହାଫଳରେ ଜାତୀୟ ରାଜପଥରେ ଅଖ ଚକ ବନ୍ଦ ସହ ଅର୍ଥ ବ୍ୟବସ୍ଥା ସହ ଗମନା ଗମନ ମଧ ବାଧାପ୍ରାପ୍ତ ହୋଇଛ।ଗତ ଥର ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସରକାର ଏକ ମାସ ସମୟ ନେଇ ଦାବୀ ପୁରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି ଦାବୀ ପୂରଣ କରି ନଥିବାରୁ ଡ୍ରାଇଭର ମହାସଂଘ ୭ ଦଫା ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛ। ସଂଘର ଦାବି ଗୁଡିକ ୬୦ ବର୍ଷ ପରେ ସ୍ତନ୍ତ୍ର ଭତ୍ତା ପ୍ରଦାନ, ପ୍ରତି ୧୦୦ କି: ମି ରେ ପାର୍କିଂ ବ୍ୟବସ୍ଥା ସହ ବିଶ୍ରାମଗାର, ଖଣି ଓ କାରଖାନା ରେ ଶତକଡା ୬୦ ଭାଗ ନିଯୁକ୍ତି ପ୍ରଦାନ, ଏବଂ ଡ୍ରାଇଭର ଙ୍କ ସୁରକ୍ଷା ପାଇଁ ଆଇନ ବ୍ୟବସ୍ଥା ଆଦି ସାତ ଗୋଟି ଦାବୀ ନେଇ ଶାନ୍ତି ଶୃଖଳାରେ ଆନ୍ଦୋଳନ ଜାରି ରଖିଥିବାବେଳେ ପରଜଙ୍ଗ ବ୍ଲକ ଡ୍ରାଇଭର ସଂଘର ସଭାପତି ଓ ସମସ୍ତ ଉପସ୍ଥିତ ଡ୍ରାଇଭର ଭାଇମାନେ ନିଜ ନିଜର ମତ ରଖିଥିଲେ।

## ୨ ଗୋଷ୍ଠୀ ବିବାଦ ,ନ୍ୟାୟ ଦାବୀ ରେ ଥାନା ରେ ଶତାଧିକ ଲୋକ



କାକଟପୁର(ମହାଭାରତ) - ଦିନକୁ ଦିନ କାକଟପୁର ଥାନା ରେ କାର୍ଯ୍ୟରତ ଥିବା କିଛି କର୍ମଚାରୀ ଙ୍କ ବ୍ୟବହାର କୁ ନେଇ ଅତିଷ୍ଠତା ପ୍ରକାଶିତ ହେଉଛି ସାଧାରଣ ଲୋକ ଙ୍କ ପାଖରେ,ଯାହାର ଦୃଶ୍ୟ ଆଜି କାକଟପୁର ଥାନା ରେ ଦେଖିବାକୁ ମିଳିଛି, ୨ ଗୋଷ୍ଠୀ ବିବାଦ କୁ ନେଇ ନ୍ୟାୟ ଦାବୀ ରେ ବିଶ୍ୱହିନ୍ଦୁ ପରିଷଦ ଓ କିଛି ସାଧାରଣ ଲୋକ ରୁଣ୍ଡ ହୋଇଥିଲେ। ସୂଚନା ମୁତାବକ କାକଟପୁର ବ୍ଲକ ପାଟସୁନ୍ଦରପୁର କୁଷ୍ଟି ଗ୍ରାମ ରେ ୩ କିଲୋମିଟର ଦୂରରେ ଥିବା ଫକୀରସାହି ଗ୍ରାମ ରେ କିଛି ଯୁବକ ଆସି ଦୀର୍ଘ ଦିନ ହେବ ନିଶା କାରବାର କରିବା ସହିତ ଉକ୍ତ ଗ୍ରାମ ରେ ଅସାମାଜିକ ପରିସ୍ଥିତି ସୃଷ୍ଟି କରୁଥିଲେ। ଏହାକୁ ନେଇ କୁଷ୍ଟି ଗ୍ରାମ ରେ ଲୋକ ଓ କିଛି ଯୁବକ ମାନେ ସେମାନଙ୍କୁ ବାରମ୍ବାର ବୁଝାଇ ଆସୁଥିଲେ ମାତ୍ର ଫକୀରସାହି ଗ୍ରାମ ରେ କିଛି ର୍ନିଦ୍ଧିଷ୍ଟ ଗୋଷ୍ଠୀ ଏହାକୁ ବେଖାତିର କରି ୩ କିଲୋମିଟର ଦୂରରୁ ଆସି କୁଷ୍ଟି ଗ୍ରାମ ରେ ବାରମ୍ବାର ଏହି ଅସାମାଜିକ କାର୍ଯ୍ୟକ୍ରମ ଘଟାଇବାରୁ ଗତକାଲି ରାତ୍ର ସମୟ ରେ ଉଭୟ ଙ୍କ ଭିତରେ ବଚସା ହୋଇଥିଲା, ଅନ୍ୟ ଗ୍ରାମ ରେ ର୍ନିଦ୍ଧିଷ୍ଟ ଯୁବ ଗୋଷ୍ଠୀ ନିଶା ଅବସ୍ଥା ରେ ଥିଲେ ଆଉ ଏହି ବଚସା ଗଣ୍ଡଗୋଳ ଭିତରେ ଉକ୍ତ ଗୋଷ୍ଠୀ ରେ କିଛି ଯୁବକ ଆହତ ହୋଇଛନ୍ତି, କିନ୍ତୁ ଗତକାଲି ରାତ୍ର ଘଟଣା ରେ ଉଭୟ ଙ୍କ ଗ୍ରାମ ର ମୁରବୀ ଲୋକ ଙ୍କ ମଧ୍ୟସ୍ଥି ରେ ଆପୋଷ ଆଲୋଚନା ହେବା ସହ ଏକ ରାଜିନାମା ପତ୍ର ଲେଖାଯାଇଥିଲା ଯାହାକୁ ନେଇ କାକଟପୁର ପୋଲିସ କୁ ସୂଚନା ମଧ ଦିଆଯାଇଥିଲା, ମାତ୍ର ଏହି ସବୁ ଘଟଣା ପରେ ର୍ନିଦ୍ଧିଷ୍ଟ ଯୁବ ଗୋଷ୍ଠୀ ଙ୍କ ଅସାମାଜିକ କାର୍ଯ୍ୟକଳାପ କୁ ବିରୋଧ କରିଥିବା କୁଷ୍ଟି ଗ୍ରାମ ରେ ୨ ଯୁବକ ଙ୍କୁ ରାତ୍ର ସମୟ ରେ କାକଟପୁର ପୋଲିସ ଉଠାଇ ଆଜି ମଧାହ୍ନ ପର୍ଯ୍ୟନ୍ତ ଥାନା ରେ ଅଟକ ରଖିଥିଲା। ଯାହାକି ଫଳରେ ଆଜି କୁଷ୍ଟି ଗ୍ରାମ ରେ ଲୋକ ଓ ବିଶ୍ୱହିନ୍ଦୁ ପରିଷଦ ରେ ଶତାଧିକ ଲୋକ ଏହାକୁ ପ୍ରତିବାଦ କରି ନ୍ୟାୟ ଦାବୀ ରେ କାକଟପୁର ଥାନା ରେ ରୁଣ୍ଡ ହେବା ସହିତ ହୋହାଲ୍ଲା କରିଥିଲେ। କୁଷ୍ଟି ଗ୍ରାମ ର ଲୋକ ଙ୍କ ଦାବୀ ଯଦି ଥାନା ରେ ଅଟକ ରଖିବାର ଥିଲା ତାହେଲେ ଉଭୟ ପକ୍ଷ ଙ୍କୁ କାହିଙ୍କି ଅଟକ ରଖାଗଲାନି, ଅନ୍ୟ ଗ୍ରାମ ରୁ ଆସି ଆମ ଗ୍ରାମ ପରିବେଶ କୁ ଦୂଷିତ କରୁଥିବା ର୍ନିଦ୍ଧିଷ୍ଟ ଗୋଷ୍ଠୀ ଙ୍କୁ ବିରୋଧ କରିବାରୁ ସେମାନେ ନିଶାଶକ୍ତ ହୋଇ ପ୍ରଥମେ ଆକ୍ରମଣ କଲେ, ପୋଲିସ କଣ ପାଇଁ ନିରପେକ୍ଷ ତଦନ୍ତ ନକରି ଆମ ଗ୍ରାମ ର ୨ ଯୁବକ ଙ୍କୁ ଅଟକ ରଖିଛି। ଆମକୁ ନିରପେକ୍ଷ ନ୍ୟାୟ ଦରକାର ଏହି ଦାବୀ ଉପସ୍ଥାପନା କରି ଥାନା ରେ ନିଜ ଜିଦ ରେ ଅଟଳ ଥିଲେ ଶତାଧିକ ଗ୍ରାମବାସୀ ଓ ବିଶ୍ୱହିନ୍ଦୁ ପରିଷଦ ରେ ସଦସ୍ୟ ବୃନ୍ଦ, ଅପର ପକ୍ଷରେ କାକଟପୁର ଥାନା ଅଧିକାରୀ ଉମେଶ ସାହୁ କୁହନ୍ତି ଯେ ଉକ୍ତ ର୍ନିଦ୍ଧିଷ୍ଟ ଗୋଷ୍ଠୀ ଆହତ ହୋଇଥିଲେ ଆମେ ଚିକିତ୍ସା ପାଇଁ ପଠାଇଛୁ ଓ ଅପର ଗୋଷ୍ଠୀ ର ୨ ଯୁବକ ଙ୍କୁ ଅଟକ ରଖିଛୁ ଆଉ ଆହତ ଗୋଷ୍ଠୀ ଙ୍କୁ ଡକାଯିବା ପରେ ଯଦି ଉଭୟ ପକ୍ଷ ରେ ଶାନ୍ତି ମୂଳକ ଆଲୋଚନା କରାଯାଇ ସମାଧାନ କରାଯିବ ତାହେଲେ ଉକ୍ତ ଯୁବକ ଙ୍କୁ ଛଡାଯିବ, ନଚେତ ଉଭୟ ଙ୍କ ନାମ ରେ ମାମଲା ପଞ୍ଜିକରଣ କରାଯିବା ସହ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପ୍ରସିଦ୍ଧ ବାରକୋଟ ମା କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବାରକୋଟ:(ମହା ଭାରତ)ଦେବଗଡ଼ ଜିଲ୍ଲା ବାରକୋଟ ର ପ୍ରସିଦ୍ଧ ମା କାଳୀ ଙ୍କ ପୂଜା ପାଇଁ କମିଟି ତରଫରୁ ବୁଧବାର ଦିନ ଓପରାଂହ୍ ରେ ବାରକୋଟ ଡାକବଙ୍ଗଳା ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭା ରେ ବିଗତ ବର୍ଷ ର ଖର୍ଚ୍ଚ,ସୁବିଧା ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା।ଏହା ସହିତ ଚଳିତ ବର୍ଷର ପୂଜା କେମିତି ଧୁମ ଧାମ ,ଶାନ୍ତିଶୃଙ୍ଖଳା ରେ ପାଳନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା ଚଳିତ ବର୍ଷର ପୂଜା ପାଇଁ ସଭାପତି ଭାବର ପ୍ରକାଶ କୁମାର ପାଣି ଙ୍କୁ ମୋନନୀତ କରାଯାଇ ଥିବା ବେଳେ ଦୁଃଶାସନ ଗୁରୁ ଙ୍କୁ ସମ୍ପାଦକ ଭାବେ ଏବଂ ବସନ୍ତ ମହାନ୍ତ ଙ୍କୁ କୋଷାଧକ୍ଷ ଭାବେ ମୋନୋନିତ କରା ଯାଇଥିବାର ସୂଚନା ମିଳିଛି। ଏହି ସଭା ରେ କମିଟି ର ସତାଧିକ ସଦଧ୍ୟଙ୍କ ସହିତ ବାରକୋଟ ର ବୋହୁତ ଭକ୍ତ ମନେ ,ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## କପୁଣ୍ଡି ମୁଖ୍ୟ ଛକ ଅନ୍ଧାର ଘେରରେ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ କପୁଣ୍ଡି ଗ୍ରାମ ପଞ୍ଚାୟତ ର କପୁଣ୍ଡି ମୁଖ୍ୟ ଛକ ଦୀର୍ଘ ଦିନ ହେବ ଅନ୍ଧାରରେ ରହିଛି ।ଆଜକୁ ୬ମାସ ପୂର୍ବରୁ ଏହି ଛକରେ ଥିବା ଷ୍ଟିଟ ଲାଇଟ ଖୁଣ୍ଟକୁ ଏକ ଟ୍ରାକ୍ଟର ଧକ୍କା ଦେବାବରୁ ଖୁଣ୍ଟଟି ହାଲୁକା ବାଙ୍କି ଯାଇଥିବା ବେଳେ ତାକୁ ମରାମତି କରାଯାଇଥିଲା ,ଅଳ୍ପ ଦିନ ର ବ୍ୟବଧାନରେ ଷ୍ଟିଟ ଲାଇଟ୍ ସମ୍ପୂର୍ଣ୍ଣ ରୂପେ ଖରାପ ହୋଇଥିଲା ।ଖରାପ ହେବା ଦିନଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ଛକଟି ଅନ୍ଧାର ରହିଛି ।ଏହି ଷ୍ଟିଟ ଲାଇଟ ଦ୍ୱାରା କପୁଣ୍ଡି ଅଞ୍ଚଳ ଆଲୋକିତ ହେଉଥିଲା ।ଫଳରେ ଚୋର ଙ୍କର ଭୟ ରହୁ ନଥିଲା ।ଏହି ଛକରେ ରାତି ରେ ଯାତାୟତ କରୁଥିବା ଯାତ୍ରୀ ମାନେ ଗାଡିକୁ ଅପେକ୍ଷା କରୁଥିବା ବେଳେ ଷ୍ଟିଟ ଲାଇଟ୍ ଯୁଗୁଁ ସୁରକ୍ଷିତ ମନେ କରୁଥିଲେ। ବର୍ତ୍ତମାନ ର ଅନ୍ଧାର ଯୋଗୁଁ ଭୟଭୀତ ଅବସ୍ଥାରେ ରହୁଛନ୍ତି ।ଅନ୍ୟପକ୍ଷରେ ପାଟଣା ଥାନା ଅଞ୍ଚଳରେ କିଛିଦିନ ହେଲା ଚୋରି ବହୁ ସଂଖ୍ୟାରେ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ଅନ୍ଧାର ରହୁ ଥିବାରୁ ଚୋର ମାନଙ୍କ ପାଇଁ ଏହା ସୁର୍ଣ ସୁଯୋଗ ମଧ ମିଳୁଛି ।ଏହି ଗୁରୁତ୍ୱପୂର୍ଣ୍ଣ ଛକ ଟି ଦୀର୍ଘ ଦିନ ହେବ ଅନ୍ଧାର ରହିଥିଲେ ମଧ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନାହିଁ। ଛକ ଅଞ୍ଚଳରେ ଥିବା ଷ୍ଟିଟ ଲାଇଟ ଟି ଏବେ ଅଚଳ ହୋଇ ପଡିଥିବାରୁ ଅନେକ ଜନସାଧାରଣ ଓ ଯାତ୍ରୀ ମାନେ ବିଭିନ୍ନ ସମସ୍ୟା ର ସମ୍ମୁଖିନ ହେଉଛନ୍ତ। ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଷ୍ଟିଟ ଲାଇଟ ଲଗାଇବା ପାଇଁ ସାଧାରଣ ରେ ଦାବି ହେଉଛି।

### ବନ୍ଧୁଗାଁ ବ୍ଲକର ସାନ ମାଥୁର ଗାଁ ରେ ୬ ବର୍ଷ ର ଶିଶୁ କନ୍ୟା ଙ୍କୁ ବଳାତ୍କାର ଘଟଣା

# ପରିବାର ବର୍ଗ ଙ୍କୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



କୋରାପୁଟ(ମହାଭାରତ): ଗତ ସାତ ତାରିଖ ଦିନ ବନ୍ଧୁଗାଁ ଥାନା ଅନ୍ତର୍ଗତ ସାନ ମାଥୁର ଗାଁ ରେ ଗୋଟେ ୬ ବର୍ଷର ଆଦିବାସୀ ଶିଶୁ କନ୍ୟା କୁ ବଳାତ୍କାର ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ଖବର ପ୍ରମେୟ ପ୍ରକାଶ ପାକାଶ ପାଇବା ପରେ ଆଜି କୋରାପୁଟ ଜିଲ୍ଲା ମହିଳା ବିଜେଡ଼ି ର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସାନ ମାଥୁର ଗାଁ କୁ ଗ୍ରସ୍ତ କରି ପୀଡିତା ର ପରିବାର କୁ ଭେଟିଛନ୍ତି। ଅପରାହ୍ନ ରେ ଜିଲ୍ଲା ମହିଳା ବିଜେଡ଼ି ସଭାପତି ପାର୍ବତି ମସ୍ତି ଙ୍କ ନେତୃତ୍ୱରେ ୧୫ଜଣିଆ ପ୍ରତିନିଧି ଦଳ ତଥା ପୁର୍ବତନ ମନ୍ତ୍ରୀ ପଦ୍ମିନି ଦିଆନ , ସାଂସଦ ପ୍ରାର୍ଥୀନି କୈଶଲ୍ୟା ହିକକା ,ପୁର୍ବତନ ସାଂସଦ ଝିଓ ହିକକା , ପୁର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ,ପୁର୍ବତନ ବିଧାୟକ ରଘୁରାମ ପଡାଲ , ବନ୍ଧୁଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା , ନାରାୟଣପାଟଣା ବ୍ଲକ ଅଧକ୍ଷ ଗୋଲାଦି ତ୍ରୀନାଥ,ବ୍ଲକ ସଭାପତି ବାଲା ନାଗ୍ ,ଏସ୍ ଏଗୀ ,ଲଳିତ ,ପରିଡା , ଦୟାନିଧି ପ୍ରଧାନ ,ଦୁର୍ଯ୍ୟ ନାଗ ପ୍ରମୁଖ ସାନ ମାଥୁର ଗାଁ ରେ ପହଞ୍ଚି ପୀଡିତା ଙ୍କ ପରିବାର ବର୍ଗ ସହ ଦେଢ ଘଣ୍ଟା କାଳ ଆଲୋଚନା କରିଥିଲେ । ବଳାତ୍କାର ର ଶୀକାର ହୋଇଥିବା ଶିଶୁ କନ୍ୟାର ଅବସ୍ଥା ପଚାରି ବୁଝିଥିଲେ। ଆବଶ୍ୟକ ଚିକିତ୍ସା ପାଇଁ ଯାହା ଆବଶ୍ୟକ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ ।ଏଥିସହ ପରିବାର ବର୍ଗ ଙ୍କୁ ଶାନ୍ତ୍ୱନା ଦେଇ ର୍ଧେଯ୍ୟ ଧରି ରହିବାକୁ କହିଥିଲେ ।ଏଥି ସହ କିଛି ସହାୟତା ପ୍ରଦାନ କରିଥିଲେ ।ଛ ମାସ ଭିତରେ ଜିଲ୍ଲା ରେ ୫ ଟି ନାରୀ ଧର୍ଷଣ ଓ ର୍ନିଯାତନା ହୋଇ ସାରିଛି ।ସରକାର ଏବଂ ଜିଲ୍ଲା ପ୍ରଶାସନ ନାରୀ ସୁରକ୍ଷା ଦେବାରେ ସମ୍ପୁର୍ଣ୍ଣ ବିଫଳ ବୋଲି କହିଥିଲେ ପୁର୍ବତନ ମନ୍ତ୍ରୀ ପଦ୍ମିନି ଦିଆନ। ପୁର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସମୟରେ ନାରୀ ସୁରକ୍ଷା କୁ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବା ବେଳେ ବର୍ତମାନ ସରକାର ବିଫଳ ବୋଲି ଗଣମାଧ୍ୟମକୁ କହିଛନ୍ତି ।ଦୋଷୀ ଙ୍କୁ କଡା ଦଣ୍ଡ ଦେବା ପାଇଁ ଜିଲ୍ଲା ପୁଲିସ ସହ ଆଲୋଚନା କରିବା ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ।ଆସନ୍ତା କାଲି କୋରାପୁଟ ଏସ୍ ପି ଙ୍କୁ ଭେଟି ଦୋଷୀ ବିରୋଧରେ କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ଆଲୋଚନା କରିବୁ ବୋଲି କହିଛନ୍ତି। ବନ୍ଧୁଗାଁ ବ୍ଲକ ରେ ଏହି ଘଟଣା ପ୍ରଥମ ହୋଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଅଂଚଳ ରେ ଆଦିବାସୀ ଝିଅ କୁ ନ୍ୟାୟ ଦେବା ରେ ସରକାର ବିଫଳତା ପଦାରେ ପଡିଥିବା ଲଜ୍ୟା ଜନକ ଘଟଣା ବୋଲି ପ୍ରତିନିଧି ଦଳ ଦୁଃଖ ପ୍ରକାଶ କରିଥିଲେ ।ଯୋଉଠି ଆଦିବାସୀ ଅଧ୍ୟୁଷିତ ଅଂଚଳ ରେ ନାରୀ , ଆଦିବାସୀ ଝିଅ ସୁରକ୍ଷା ପାଇ ପାରୁ ନାହାଁନ୍ତି ସେଠି ଅନ୍ୟମାନେ କଣ ସୁରକ୍ଷା ପାଇବେ ସେ ନେଇ ସରକାର ଙ୍କୁ କାଠଗଡା ରେ ଠିଆ କରିଛି ପ୍ରତିନିଧି ଦଳ । ଅନ୍ୟପଟେ ଏ ଘଟଣା ରେ ବଳାତ୍କାର କରିଥିବା ଦୋଷୀ କୁ ଗତକାଲି ଗିରଫ କରି କୋର୍ଟ ଚାଲାଣ କରିଛି ବନ୍ଧୁଗାଁ ପୋଲିସୟ ତେବେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ,ପୋଲିସ ର କାର୍ଯ୍ୟଦକ୍ଷତା ଉପରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପ୍ରଶ୍ନ କରିଛନ୍ତି ।ଘଟଣା କିପରି ଘଟିଲା ,ଦୋଷୀ କୁ ଡେରୀରେ କଣ ପାଇଁ ଧରିଲା ପୋଲିସ , ଅଭିଯୋଗ କରିବା କୁ ଗଲାବେଳେ କିଏ ଚାପ ପକେଇଥିଲା ପୋଲିସ ଉପରେ ,ଥାନା କୁ ନଯିବାକୁ କିଏ ବାଟ ଓଗାଳିଥିଲା ,ରଫାଦଫା କରିବାକୁ ପରିବାର ବର୍ଗ ଉପରେ କିଏ ଚାପ ପକେଇଥିଲା ,ପୋଲିସ ଥାନା ରେ ପୀଡିତାର ପରିବାର କୁ କି ପ୍ରକାର ବ୍ୟବହାର କରିଥିଲା ,ନ୍ୟାୟ ଦେବା ବଦଳରେ ରଫାଦଫା କରିବାକୁ ପୀଡିତା ପରିବାର କୁ ଚାପ ପକେଇଥିଲା କିଏ ?ପୋଲିସ କୁ ତା କାମ କରିବାରେ ଯେଉଁ କୁଜି ନେତା ମାନେ ଚାପ ପକେଇଥିଲେ ,ଘଟଣା କୁ ରଫାଦଫା କରିବାକୁ ଉଭୟ ପୀଡିତା ଓ ବଳାତ୍କାର କରିଥିବା ପରିବାର କୁ ରାତି ତମାମ ଥାନା ରେ ଥାନା ବାହାରେ କେଉଁ ମାନେ ଉପସ୍ଥିତ ଥିଲେ ,ସେମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବନି ଏପରି ଅନେକ ପ୍ରଶ୍ନ ଏବେ ସାଧାରଣ ରେ ଉଙ୍କି ମାରିଛି ।

## ସାରା ଦେଶରେ ବର୍ଷାର ତାଣ୍ଡବ : ଉତର-ପୂର୍ବରେ ବନ୍ୟା ପରିସ୍ଥିତି, ବିଭିନ୍ନ ସ୍ଥାନରେ ଭୂସ୍ଖଳନ



ନୂଆଦିଲ୍ଲୀ : ସମଗ୍ର ଦେଶ ଜଳବନ୍ଦୀ ହୋଇ ରହିଛି । ଯାହା ଗୋଟିଏ ପଟେ ଗରମରୁ ଆଶ୍ୱସ୍ତି ମିଳୁଥିବାବେଳେ ଅନ୍ୟପଟେ ପ୍ରବଳ ସମସ୍ୟା ଉପୁଜୁଛି । ଯେପରିକି ପାଣି ଜମି ଟ୍ରାଫିକ୍ ଜାମ୍, ଭୂସ୍ଖଳନ ଏବଂ ବନ୍ୟା ଭଳି ସମସ୍ୟା ସୃଷ୍ଟି କରିଛି । ଏହାର ସର୍ବାଧିକ ପ୍ରଭାବ ଦିଲ୍ଲୀ-ଏନସିଆରରେ ଦେଖିବାକୁ ମିଳୁଛି । ଯାହାକୁ ନେଇ ସହରରେ ପାଣି ଜମା ହେତୁ ଗାଡ଼ି ଚଳାଚଳବନ୍ଦ ହୋଇ ରହିଛି । ଯାହା ଦ୍ୱାରା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ସୂଚନାନୁଯାୟୀ, ବୁଧବାର ସନ୍ଧ୍ୟାରେ ଦିଲ୍ଲୀ ଏବଂ ଏନସିଆରର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇଥିଲା । ଯାହା ଫଳରେ ଭାରତ ମଣ୍ଡପମ (ପ୍ରଗତି ମୈଦାନ), ଝିଲମିଲ ଅଣ୍ଡରପାସ୍, କୃଷ୍ଣ ନଗର, ଆଇଟିଓ, ଆଉଟର ରିଙ୍ଗ ରୋଡ୍, କାଲକାଜି, ଆଶ୍ରମ, ୱାଜିରାବାଦ, ଅକ୍ଷରଧାମ ଏବଂ ମଥୁରା ରୋଡ୍ ଭଳି ଅଂଚଳରେ ପ୍ରବଳ ଜଳାପୂର୍ଣ୍ଣ ଥିଲା । ଅନେକ ସ୍ଥାନରେ ରାସ୍ତାଗୁଡ଼ିକ ଜଳବନ୍ଦୀ ହୋଇ ରହିଥିଲା । ଫଳରେ ଆରଟିଆର ରୋଡ୍ ଏବଂ ଏନଏଚ-୪୮ରେ ଏକ ବିରାଟ ଟ୍ରାଫିକ ଜାମ୍ ହୋଇଥିଲା । ଜାଖିରା ଅଣ୍ଡରପାସ୍ ଏବଂ ରୋଡ୍ ନମ୍ବର ୪୦ରେ ପାଣି ଜମି ରହିବା କାରଣରୁ ଦିଲ୍ଲୀ ଟ୍ରାଫିକ୍ ପୋଲିସ ଯାତାୟାତକୁ ପରିବର୍ତନ କରିଥିଲା । ସନ୍ଧ୍ୟା ସୁଦ୍ଧା, ପାଣିପାଗ ବିଭାଗ କମଳା ଆଲର୍ଟକୁ ରେଡ୍ ଆଲର୍ଟରେ ବୃଦ୍ଧି କରିଛି ଏବଂ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି । ଅନ୍ୟପଟେ ଦିଲ୍ଲୀ ଚଡଉ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ଜଳବନ୍ଦୀ ସମ୍ପର୍କରେ ୨୯ଟି ଅଭିଯୋଗ ମିଳିଥିଲା । ଯେତେବେଳେ ଘଡଗଡକୁ ଗୋଟିଏ ଅଭିଯୋଗ ମିଳିଥିଲା । ପ୍ରଶାସନ ଜଳ ନିଷ୍କାସନ ପାଇଁ ଟିମ୍ ଗଠନ କରି କାର୍ଯ୍ୟ ଆରମ୍ଭ କରିଛି । କିନ୍ତୁ ଅନେକ ସ୍ଥାନରେ ବହୁ ସମୟ ଧରି ପାଣି ଜମି ହୋଇ ରହିଛି । ଯାହାକୁ ନେଇ ପ୍ରଶାସନର ପ୍ରସ୍ତୁତି ଉପରେ ପ୍ରଶ୍ନ ଉଠୁଛି । ସେହିଭଳି ଭାବରେ ଦିଲ୍ଲୀ ଏନସିଆରର ଅନେକ ସ୍ଥାନରେ ସମାନ ପରିସ୍ଥିତି ଉପୁଜିଥିଲା । ଗୁରୁଗ୍ରାମର ଅନେକ ରାସ୍ତାରେ ପାଣି ଜମିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଯେଉଁଥି ପାଇଁ ଆମ୍ବୁଲାନ୍ସ ଯାତାୟତରେ ମଧ୍ୟ ସମସ୍ୟା ଦେଖାଦେଇଥିଲା । ଏହା ବ୍ୟତୀତ ମଧ୍ୟପ୍ରଦେଶ ବିଦିଶାରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ସହରର ଅନେକ ସ୍ଥାନରେ ଜଳବନ୍ଦୀ ହୋଇଛି । ଯାହା ଯୋଗୁଁ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଛି । ପ୍ରବଳ ବର୍ଷା ପରେ ଉତରାଖଣ୍ଡର ଚାମୋଲି ଏବଂ ବଦ୍ରିନାଥ ରାଜପଥରେ ଭୂସ୍ଖଳନ ପରିସ୍ଥିତି ଜାରି ରହିଛି । ଯାହା ଫଳରେ ଘଂଟା ଘଂଟା ଧରି ରାଜପଥ ଜାମ୍ ରହିଛି । ଯାହା ତୀର୍ଥଯାତ୍ରୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି । ମହାରାଷ୍ଟ୍ର ଏବଂ ଉତର-ପୂର୍ବ ଆସାମରେ ବନ୍ୟା ପରିସ୍ଥିତି ଜାରି ରହିଛି । ଏପର୍ଯ୍ୟନ୍ତ ଆସାମରେ ୩୦ ଜଣ ଲୋକଙ୍କ ଜୀବନ ଚାଲି ଯାଇଥିବାବେଳେ ୨୯,୦୦୦ରୁ ଅଧିକ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି । ଗୋଲାଘାଟରେ ୨୩,୦୦୦ରୁ ଉର୍ଦ୍ଧ୍ୱ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେଉଁଥି ପାଇଁ ରିଲିଫ ବ୍ୟବସ୍ଥାରେ ୫,୦୦୦ରୁ ଅଧିକ ଲୋକ ରହୁଛନ୍ତି ।

## ତରଳି ଯାଉଛନ୍ତି ବାବା ଅମରନାଥ, ଦେଖିବାକୁ ଲାଗୁଛି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ



ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ଅମରନାଥ ଯାତ୍ରାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ତେବେ ବରଫରେ ସଷ୍ଟି ହୋଇଥିବା ଶିବ ଲିଙ୍ଗ ଖୁବଶୀଘ୍ର ତରଳି ଯାଉଛି । ଯେଉଁଥିପାଇଁ ତୀର୍ଥଯାତ୍ରୀଙ୍କ ଭିଡ଼ ଦେଖାଯାଉଛି । ତେବେ ବର୍ତମାନ ପର୍ଯ୍ୟନ୍ତ ୧୭ ହଜାରରୁ ଅଧିକ ଶ୍ରଦ୍ଧାଳୁ ଶିବଲିଙ୍ଗ ଦର୍ଶନ କରିସାରିଛନ୍ତି । ଖୁବଶିଘ୍ର ଶିବଲିଙ୍ଗ ତରଳି ଯାଉଥିବା ଖବର ଶୁଣି ତୀର୍ଥଯାତ୍ରୀ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ତେବେ ଜରୁରୀ କଥା ହେଲା କଶ୍ମୀର ଘାଟି ଭୟଙ୍କର ଗରମକୁ ସାମନା କରିଥାଏ । ଏକ ରିପୋର୍ଟ ଅନୁସାରେ ଶ୍ରୀ ଅମରନାଥ ଶ୍ରାଇନ ବୋର୍ଡର ଅଧିକାରୀ କହିଛନ୍ତି ତେବେ ଏହି ଶିବଲିଙ୍ଗ କେତେଦିନ ପର୍ଯ୍ୟନ୍ତ ରହିବ ତାହାର ଅନୁମାନ କରିବା ବନ୍ଦ କରି ଦେଇଛନ୍ତି । ସେ କହିଛନ୍ତି ବର୍ଷ ବର୍ଷ ପୂର୍ବରୁ ଏହା ଅଗଷ୍ଟ ପର୍ଯ୍ୟନ୍ତ ରହୁଥିଲା । ତେବେ ପାଣିପାଗର କୌଣସି ଠିକଣା ନାହିଁ । ତେବେ ଆମେ ପୂର୍ବାନୁମାନ କରି କିଛି କହି ପାରିବୁ ନାହିଁ କି କେତେବେଳେ କଣ ଘଟିବ । ଏହା ଭବିଷ୍ୟତରେ ଯାତ୍ରାରେ ବାଧା ହୋଇପାରେ ବୋଲି ଅନୁମାନ କରାଯାଉଛି । ତେବେ ବୋର୍ଡ ଅଧିକାରୀ କହିଛନ୍ତି ଆମେ କେବେଳ ସୁବିଧା କରିପାରିବୁ କିନ୍ତୁ ପାଣିପାଗକୁ ବଦଳେଇ ପାରିବୁ ନାହିଁ । ଶିବଲିଙ୍ଗ ପ୍ରାକୃତିକ ଉପାୟରେ ଶ୍ରାବଣ ମାସରେ ସୃଷ୍ଟି ହୋଇଥାଏ । କିନ୍ତୁ ବର୍ଷା ସମୟରେ ଏହା ତିଆରି ହୋଇନ ଥାଏ । ୨୦୧୮ ଜୁଲାଇ ୧୭ରେ ଏହା ତରଳି ଯାଏ । ୨୦୧୯ରେ ଆତଙ୍କବାଦୀ ଘଟଣାରେ ଏହି ଯାତ୍ରାକୁ ବନ୍ଦ କରାଯାଇଥିଲା । ୨୦୨୦ ରେ ଦୁନ ମାସର ମଧ୍ୟ ସମୟରେ ଶିବଲିଙ୍ଗ ସୃଷ୍ଟି ହୋଇଯାଏ ଏବଂ ଜୁଲାଇ ୨୩ ଯାଏଁ ୮୦ ପ୍ରତିଶତ ତରଳି ଯାଇଥିଲା । ୨୦୨୧ ରେ ମହାମାରୀ ପାଇଁ ଏହି ଯାତ୍ରାକୁ ବନ୍ଦ କରାଯାଇଥିଲା । ୨୦୨୨ରେ ଏହା କେବେଳ ୧୮ ଜୁଲାଇ ପର୍ଯ୍ୟନ୍ତ ରହିଥିଲା । ଏବଂ ୨୦୨୩ରେ ଶିବଲିଙ୍ଗ ୪୭ ଦିନ ରହିଥିଲା । ୨୦୨୪ ମସିହାରେ ଶିବଲିଙ୍ଗ ୧ ସପ୍ତାହ ପର୍ଯ୍ୟନ୍ତ ହିଁ ରହିଥିଲା । ଅମରନାଥ ଯାତ୍ରାର ପଂଚମ ଦିନରେ, ୨୩,୮୫୭ ଜଣ ଭକ୍ତ ପବିତ୍ର ଗୁମ୍ଫାରେ ଥିବା ବରଫ ଶିବଲିଙ୍ଗକୁ ଦର୍ଶନ କରିଥିଲେ । ଏହା ଏପର୍ଯ୍ୟନ୍ତ ଗୋଟିଏ ଦିନରେ ଦର୍ଶନ କରିଥିବା ଭକ୍ତଙ୍କ ସଂଖ୍ୟାରେ ସର୍ବାଧିକ । ଯାତ୍ରାର ପ୍ରଥମ ଦିନ, ଗୁରୁବାର, ୧୨,୩୪୮ ଜଣ ତୀର୍ଥଯାତ୍ରୀ, ଶୁକ୍ରବାର ୧୪,୫୧୫ ଜଣ, ଶନିବାର ୨୧,୧୦୯ ଜଣ ଏବଂ ରବିବାର ୨୧,୫୧୨ ଜଣ ତୀର୍ଥଯାତ୍ରୀ ଦର୍ଶନ ପାଇଁ ଆସିଥିଲେ । ୨୦୨୧ ରେ ମହାମାରୀ ପାଇଁ ଏହି ଯାତ୍ରାକୁ ବନ୍ଦ କରାଯାଇଥିଲା । ୨୦୨୨ରେ ଏହା କେବେଳ ୧୮ ଜୁଲାଇ ପର୍ଯନ୍ତ ରହିଥିଲା । ଏବଂ ୨୦୨୩ରେ ଶିବଲିଙ୍ଗ ୪୭ ଦିନ ପର୍ଯନ୍ତ ରହିଥିଲା । କିନ୍ତୁ ୨୦୨୪ ମସିହାରେ ଶିବଲିଙ୍ଗ ୧ ସପ୍ତାହ ପର୍ଯ୍ୟନ୍ତ ହିଁ ରହିଥିଲା । ପବିତ୍ର ଅମରନାଥ ଯାତ୍ରା ଜୁଲାଇ୩ ତାରିଖରେ ଆରମ୍ଭ ହୋଇଥିଲା । ପ୍ରଥମ ୫ ଦିନରେ ହିଁ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କ ସଂଖ୍ୟା ୯୩,୩୩୬ରେ ପହଂଚିଛି । ଏହି ସମୟରେ, ସୋମବାର ଦିନ ୮,୬୦୫ ଜଣ ତୀର୍ଥଯାତ୍ରୀଙ୍କ ଷଷ୍ଠ ଦଳ ଜମ୍ମୁରୁ ଗାଣ୍ଡେରବଲର ବାଲତାଲ ଏବଂ ପହଲଗାମର ନନୱାନ ବେସ କ୍ୟାମ୍ପ ଅଭିମୁଖେ ଯାତ୍ରା କରିଛନ୍ତି ।

## ଦିଲ୍ଲୀ ଏନସିଆରରେ ଭୂକମ୍ପ

ନୂଆଦିଲ୍ଲୀ : ଆଜି ସକାଳେ ଦିଲ୍ଲୀ ଏନସିଆରରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ତୀବ୍ରତା ୪.୧ ରହିଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ହରିୟାଣାର ରେୱାଡିରେ ଥିଲା । ଫଳରେ ଲୋକେ ଘରେ ଘର ବାହାରକୁ ଦୌଡିଥିଲେ । କିନ୍ତୁ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ନାହିଁ । ସୂଚନାନୁଯାୟୀ, ଆଜି ସକାଳ ୯.୪ ମିନିଟରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ରେୱାଡିର ଗୁରୁଗ୍ରାମଠାରୁ ୪ କିଲୋମିଟର ଦୂରରେ ଥିଲା । ଯାହାଦ୍ୱାରା ପୁରା ହରିୟାଣା, ପଞ୍ଜାବର କିଛି ସ୍ଥାନ ଏବଂ ଦିଲ୍ଲୀ ଏନସିଆରରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ସୂଚନାଯୋଗ୍ୟ ଦିଲ୍ଲୀ-ଏନସିଆରରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୨.୩ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୫ କିଲୋମିଟର ଗଭୀରତାରେ ଥିଲା ।

## ନେପାଳ-ଚୀନ୍ ସୀମାରେ ବନ୍ୟା, ୬ ମୃତ, ୧୯ ନିଖୋଜ



ନେପାଳ : ନେପାଳର ରସୁୱା ଜିଲ୍ଲାରେ ମୌସୁମୀ ବର୍ଷା ହେଉଛି । ଯାହା ପ୍ରଭାବରେ ନଦୀରେ ବନ୍ୟା ଆସୁଛି । ଏହି ବନ୍ୟାରେ ଅତି କମରେ ନଅ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୯ ଜଣ ନିଖୋଜ ହୋଇଛନ୍ତି । ଏହି ବନ୍ୟା ଦେଶକୁ ଚୀନ୍ ସହିତ ସଂଯୋଗ କରୁଥିବା "ବନ୍ଧୁତା ସେତୁ"କୁ ମଧ୍ୟ ଧୋଇ ନେଇଛି । ସୋମବାର ରାତିରେ ଚୀନ୍ରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ନେପାଳର ଭୋଟେକୋଶି ନଦୀରେ ବନ୍ୟା ଆସିଛି । ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷ (ଘଡଜଜଗଇ) ନିର୍ଦ୍ଦେଶକ ଜେନେରାଲ ଦିନେଶ ଭଟ୍ଟ ସାମ୍ବାଦିକମାନଙ୍କୁ କହିଛନ୍ତି, "ଏପର୍ଯ୍ୟନ୍ତ ନଅ ଜଣଙ୍କର ମୃତ୍ୟୁ ହୋଇଛି, ଜଣେ ଆହତ ହୋଇଛନ୍ତି, ୧୯ ଜଣ ନିଖୋଜ ଅଛନ୍ତି ଏବଂ ୫୭ ଜଣଙ୍କୁ ଉଦ୍ଧାର କରାଯାଇଛି ।" ବନ୍ୟାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ନେପାଳ ସରକାର ପ୍ରତ୍ୟେକ ମୃତକଙ୍କ ପିଛା ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି । ନିଖୋଜ ଲୋକଙ୍କ ମଧ୍ୟରେ ଛଅ ଜଣ ଚୀନ୍ ନାଗରିକ ଏବଂ ତିନି ଜଣ ପୋଲିସ କର୍ମଚାରୀ ଅଛନ୍ତି । ଭଟ୍ଟ କହିଛନ୍ତି ଯେ ମଙ୍ଗଳବାର କାଠମାଣ୍ଡୁରୁ ୧୨୦ କିଲୋମିଟର ଉତର-ପୂର୍ବରେ ଥିବା ରସୁୱା ଜିଲ୍ଲାର କିଛି ସ୍ଥାନରେ ଆସିଥିବା ଆକସ୍ମିକ ବନ୍ୟା ମିତେରି ସେତୁ, ରସୁୱାଗାଧି ଜଳବିଦ୍ୟୁତ କେନ୍ଦ୍ର ଏବଂ ନେପାଳ-ଚୀନ୍ ସୀମା ନିକଟରେ ଅବସ୍ଥିତ 'ଶୁଷ୍କ ବନ୍ଦର'ର କିଛି ଅଂଶକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ କରିଛି । ମଙ୍ଗଳବାର ଭୋର ପ୍ରାୟ ୩:୧୫ ସମୟରେ ଆସିଥିବା ବନ୍ୟାରେ ମିତେରି ସେତୁ ଭାସି ଯାଇଥିଲା ।

ଏଥି ସହ ଜାଣିରଖନ୍ତୁ ଯେ, ନଦୀ ବନ୍ୟା ୨୩ଟି ମାଲବାହୀ କଟେନର, ଛଅଟି ମାଲବାହୀ ଟ୍ରକ୍ ଏବଂ ୩୫ଟି ବୈଦ୍ୟୁତିକ ଯାନକୁ ମଧ୍ୟ ଭାସେଇ ନେଇଛି । ବନ୍ୟା ଜିଲ୍ଲାର ଚାରୋଟି ଜଳବିଦ୍ୟୁତ ପ୍ରକଳ୍ପକୁ କ୍ଷତିଗ୍ରସ୍ତ କରିଛି, ଯାହା ଜାତୀୟ ବିଦ୍ୟୁତ୍ ଗ୍ରୀଡକୁ ଅତି କମରେ ୨୧୧ ମେଗାୱାଟ ବିଦ୍ୟୁତ୍ ଯୋଗାଣକୁ ପ୍ରଭାବିତ କରିଛି ।

## ଆଧାର କାର୍ଡ ନାଗରିକତାର ପରିଚୟ ନୁହେଁ : ନିର୍ବାଚନ କମିଶନ




ନୂଆଦିଲ୍ଲୀ : ଆଧାର କାର୍ଡ ନାଗରିକତାର ପରିଚୟ ନୁହେଁ । ଏହା କହିଛନ୍ତି ନିର୍ବାଚନ କମିଶନ । ସୁପ୍ରିମକୋର୍ଟରେ ବିହାରର ଭୋଟର ତାଲିକା ସମ୍ପର୍କିତ ମାମଲାର ଶୁଣାଣି ସମୟରେ ଏଭଳି ତଥ୍ୟ ରଖିଛନ୍ତି ଭାରତୀୟ ନିର୍ବାଚନ କମିଶନ । ୨୦୦୩ ନିର୍ବାଚନ ସମୟରେ ଭୋଟର ତାଲିକାରେ ନଥିବା ଆଧାର କାର୍ଡଧାରୀ ଓ ଭୋଟର କାର୍ଡଧାରୀଙ୍କୁ ଭୋଟର ତାଲିକାରୁ ବାଦ ଦେବାକୁ ନେଇଥିବା ନିଷ୍ପତିକୁ ଚ୍ୟାଲେଞ୍ଜ କରି ଏହି ମାମଲା ରୁଜୁ ହୋଇଛି ।

ବିହାରରେ ସ୍ପେଶାଲ ଇନ୍[ନସିଭ ରିଭିଜନ ବା ଭୋଟର ତାଲିକାର ପୁନଃ ନିରୀକ୍ଷଣ କାର୍ଯ୍ୟ ଭାରତୀୟ ନିର୍ବାଚନ କମିଶନ କରାଉଛନ୍ତି । ଭୋଟରମାନଙ୍କୁ ଏବେ ନାଗରିକତାର ପ୍ରମାଣ ଦେବାକୁ ପଡୁଛି । ଯାହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି । ଏହି ସମସ୍ତ ମାମଲାର ଏକତ୍ର ଶୁଣାଣି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀ କରୁଛନ୍ତି । ଜଣେ ଆବେଦନକାରୀ ଓକିଲ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣ କୋର୍ଟଙ୍କ ଦୃଷ୍ଟିକୁ ଆଣିଥିଲେ ଯେ, ବିହାରରେ ହେଉଥିବା ସ୍ପେଶାଲ ଇଂଟେନସିଭ ରିଭିଜନରେ ଆଧାର କାର୍ଡକୁ ନିର୍ବାଚନ କମିଶନ ଗ୍ରହଣ କରୁ ନାହାନ୍ତି । ଏହାର ଜବାବରେ ଭାରତୀୟ ନିର୍ବାଚନ କମିଶନଙ୍କ ଓକିଲ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଛନ୍ତି, ଆଧାର କାର୍ଡ ନାଗରିକତାର ପ୍ରମାଣ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ । ସୁପ୍ରିମକୋର୍ଟରେ ଏହି ମାମଲା ମହୁଆ ମୈତ୍ର, ମନୋଜ କୁମାର ଝା, କେ ସି ବେଣୁଗୋପାଳ, ସୁପ୍ରିୟା ସୁଲେ, ଡି ରାଜା, ହରିନ୍ଦର ମଲ୍ଲିକ, ଅରବିନ୍ଦ ସାୱନ୍ତ, ସାଫରଜ ଅହମ୍ମଦ, ଦୀପଙ୍କର ଭଟ୍ଟାଚାର୍ଯ୍ୟ ଭଳି ସାଂସଦ ନେତାଙ୍କ ଦ୍ୱାରା କରାଯାଇଛି ।

## ପୋଖରୀରେ ବୁଡ଼ି ୪ ଭାଇ ଭଉଣୀ ମୃତ

ରାଜସ୍ଥାନ : ସାଙ୍ଗ ହୋଇ ଖେଳୁଥିବା ବେଳେ ବୁଡ଼ିଗଲେ ୪ ଭାଇ ଭଉଣୀ । ଖେଳୁ ଖେଳୁ ପୋଖରୀରେ ବୁଡ଼ିଗଲେ ୨ ଜଣ ପୁଅ ଏବଂ ୨ ଜଣ ଝିଅ । ରାଜସ୍ଥାନ ଜୈସଲମେର ଜିଲ୍ଲା ପୋଖରନରେ ଅଘଟଣ ଘଟିଛି । ଘଟଣା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଖବର ମୁତାବକ, ଛୋଟ ପିଲାମାନେ ଖେଳୁଥିବା ବେଳେ ପୋଖରୀ ନିକଟରେ ପହଂଚିଥିଲେ । ଖେଳ ଖେଳରେ ପିଲାମାନଙ୍କ ମଧ୍ୟରୁ ଜଣେ ପୋଖରୀରେ ଖସିପଡିଥିଲା । ତାଙ୍କୁ ବଂଚାଇବାକୁ ଯାଇ ଅନ୍ୟ ୩ ଜଣ ବୁଡ଼ିଯାଇଥିଲେ । ପିଲାମାନେ ବୁଡ଼ି ଯାଇ ଦୀର୍ଘ ସମୟ ପରେ ଭାସିଥିଲେ । ଏହାପରେ ତାଙ୍କୁ ସ୍ଥାନୀୟ ଲୋକ ଦେଖିଥିଲେ । ବୁଡ଼ି ଯାଇଥିବା ପିଲାଙ୍କ ମଧ୍ୟରେ ୩ ବର୍ଷୀୟ ଅହମଦ, ୫ ବର୍ଷୀୟ ମହମ୍ମଦ, ୭ ବର୍ଷୀୟ ଶେହନାଜ ଏବଂ ୧୨ ବର୍ଷୀୟ ରିଜୱାନା ରହିଛି । ଏହି ୪ ଜଣ ସ୍ଥାନୀୟ ନିବାସୀ ହଜୁର ଖାନଙ୍କ ସନ୍ତାନ । ତେବେ ପିଲାମାନେ ଖେଳିକରି ବହୁତ ସମୟରୁ ଫେରିନଥିବାରୁ ଘର ଲୋକ ଖୋଜିଥିଲେ । ବହୁତ ଖୋଜାଖୋଜି କରିବା ପରେ ପୋଖରୀ ନିକଟରେ ପହଂଚିଥିଲେ । ପୋଖରୀରେ ୪ ଜଣ ପିଲା ଭାସୁଥିବାର ଦେଖିବାକୁ ମିଳିଥିଲା । ସେଠାରୁ ପିଲାମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ପୋଲିସ ଆସି ଯାଂଚ ଆରମ୍ଭ କରିଛି ।

## ପାଟନା ଏୟାରପୋର୍ଟରେ ଲାଗିଲା ନିଆଁ

ପାଟଣା : ବିହାରର ରାଜଧାନୀ ପାଟନା ସ୍ଥିତ ଜୟପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭୟଙ୍କର ଅଗ୍ନିକାଣ୍ଡ । ବିମାନବନ୍ଦରର ପୁରୁଣା ଟର୍ମିନାଲ ବିଲଡିଂରେ ଚାଲିଥିବା ଭାଙ୍ଗିବା ପ୍ରକ୍ରିୟା ସମୟରେ ୱେଲଡିଂ କାମ ଚାଲୁଥିବା ବେଳେ ସ୍ପାର୍କ ଯୋଗୁଁ ନିଆଁ ଲାଗିଯାଇଥିଲା । ଏୟାରପୋର୍ଟରେ ଥିବା ଅଗ୍ନିଶମ ଟିମ୍ ତୁରନ୍ତ ନିଆଁକୁ ଆୟତ କରିଥିଲେ । ତେବେ ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତିର ସୂଚନା ମିଳିନାହିଁ । ପାଟନା ବିମାନବନ୍ଦରରେ ନୂଆ ଟର୍ମିନାଲ ନିର୍ମାଣର ଯୋଜନା ଅଧୀନରେ ପୁରୁଣା ଟର୍ମିନାଲ ବିଲଡିଂକୁ ଭାଙ୍ଗିବା ପାଇଁ କାର୍ଯ୍ୟ ଚାଲିଛି । ଏହି ପ୍ରକ୍ରିୟାରେ ୱେଲଡିଂ କାମ ଚାଲୁଥିବା ସମୟରେ ସ୍ପାର୍କ ସୃଷ୍ଟି ହୋଇ ନିଆଁ ଲାଗିଯାଇଥିଲା ।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନାମ୍ବିଆର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଧବାର ଦିନ ନାମ୍ବିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଟ ୱେଲୱିଟସ୍ଚିଆ ମିରାବିଲିସ୍' ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ତାଙ୍କୁ ନାମ୍ବିଆର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦୀ-ଦୈତୱା ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରିଥିଲେ । ଏହା ଭାରତ ଏବଂ ନାମ୍ବିଆ ମଧ୍ୟରେ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଲେଖିବାର ଆରମ୍ଭ । ଏହା ପ୍ରଥମ ଥର ଯେ କୌଣସି ଭାରତୀୟ ନେତାଙ୍କୁ ଏହି ସମ୍ମାନ ମିଳିଛି । ଏହି ସମ୍ମାନକୁ ୧୪୦ କୋଟି ଭାରତୀୟଙ୍କୁ ଉତ୍ସର୍ଗ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ମୋତେ ଏହି ଦେଶର ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ମୁଁ ଆପଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି । ମୁଁ ଗଣତନ୍ତ୍ରର ଜନନୀର ପ୍ରତିନିଧି ଭାବରେ ଆପଣଙ୍କ ସମ୍ମୁଖରେ ଠିଆ ହୋଇଛି, ଏବଂ ମୁଁ ଭାରତର ୧.୪ କୋଟି ଲୋକଙ୍କ ହାର୍ଦ୍ଦିକ ଶୁଭେଚ୍ଛା ଆଣିଛି ।" ସେ ନନ୍ଦି-ଦୈତୱା ଏବଂ ନାମ୍ବିଆର ଲୋକମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ପୁରସ୍କାର ୱେଲୱିଟସଚିଆ ମିରାବିଲିସ୍ ଗଛ ନାମରେ ନାମିତ ହୋଇଛି । ଏହି ଗଛ କେବଳ ନାମ୍ବିଆର ମାଟିରେ ଚାଷ କରାଯାଏ । ୨୭ତମ ଆନ୍ତର୍ଜାତୀୟ ପୁରସ୍କାର, ଭାରତର ଗର୍ବ ବୃଦ୍ଧି ପାଇଲା ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କର ୨୭ତମ ଆନ୍ତର୍ଜାତୀୟ ସମ୍ମାନ । ଏହା ତାଙ୍କର ସାମ୍ପ୍ରତିକ ପାଂଚଟି ରାଷ୍ଟ୍ର ଗସ୍ତରେ ଚତୁର୍ଥ ପୁରସ୍କାର ଏବଂ ଗତ ୨୪ ଘ[। ମଧ୍ୟରେ ଦ୍ୱିତୀୟ ପୁରସ୍କାର । ଏହି ପୁରସ୍କାର ବିଶ୍ୱରେ ଭାରତର ବଢୁଥିବା ବିଶ୍ୱସନୀୟତାକୁ ପ୍ରତିଫଳିତ କରିଥାଏ । ପ୍ରଧାନମନ୍ତ୍ରୀ ଏହି ପୁରସ୍କାରକୁ ଭାରତ ଏବଂ ନାମ୍ବିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ମାଇଲଖୁଂଟ ବୋଲି କହିଛନ୍ତି । ଏହା ସ୍ୱତନ୍ତ୍ର ଦ୍ୱିପାକ୍ଷିକ ଭାଗୀଦାରିକୁ ଅଧିକ ଉଚ୍ଚତାକୁ ନେବା ପାଇଁ ଉଭୟ ଦେଶର ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ସେ କହିଛନ୍ତି । ନାମ୍ବିଆ ଗସ୍ତ କାଳରେ ମୋଦି ଏହାର ପାର୍ଲାମେଂଟରେ ଉଦ୍‌ବୋଧନ ଦେଇଥିଲେ । ପାର୍ଲାମେଂଟର ସଦସ୍ୟମାନେ ଠିଆ ହୋଇ ମୋଦିଙ୍କୁ ସମ୍ମାନ ଜଣାଇଥିଲେ । ନାମ୍ବିଆ ସରକାର ଭାରତକୁ ଚିତାବାଘ ଦେଇଥିବାରୁ ମୋଦି ଧନ୍ୟବାଦ ଜଣାଇଥିଲେ ।

# ପ୍ରଥମ ଦିନରେ ଇଂଲଣ୍ଡର ସଂଘର୍ଷ, ୪/୨୫୧



ଲର୍ଡ୍ସ,୧୦।୭: କ୍ରିକେଟର ମକ୍କା ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳା ଯାଉଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନର ଖେଳରେ ଉଭୟ ଇଂଲଣ୍ଡ ଓ ଭାରତ ନିଜର ସମ୍ମାନ ରଖିଛନ୍ତି। ହେଲେ ରନ ପାଇଁ ଇଂଲଣ୍ଡକୁ ସଂଘର୍ଷ କରିବାକୁ ପଡ଼ିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ୱିକେଟ୍ ହରାଇ ୨୫୧ ରନ କରିଛି। ଅନୁଭବୀ ଜୋ ରୁଟ୍ ୯୯ ରନ ଏବଂ ବେନ ଷ୍ଟୋକ୍ସ ୩୯ ରନ କରି ବ୍ୟାଟିଂ କରୁଛନ୍ତି।ପ୍ରଥମ ଦିନରେ ଜୋ ରୁଟ୍ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ବେଳେ ଭାରତ ପକ୍ଷରୁ ନୀତିଶ ରେଡ୍ଡୀ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡର ଓପନର ଜ୍ୟାକ କ୍ରାଉଲି ଓ ବେନ ଡକେଟ୍ ପ୍ରଥମ ୱିକେଟ୍‌ରେ ୪୩ ରନ ଯୋଡ଼ିଥିଲେ। ୧୪ତମ ଓଭରରେ ନୀତିଶ ରେଡ୍ଡୀ ଦୁଇଟି ୱିକେଟ୍ ନେଇ ଇଂଲଣ୍ଡକୁ ଡବଲ ଝଟକା ଦେଇଥିଲେ। ଡକେଟ୍(୨୩) ଓ ଜ୍ୟାକ କ୍ରାଉଲି(୧୮) ରନ କରି ପାଭିଲିୟନ ଫେରିଥିଲେ ।ଏହା ପରେ ଓଲି ପୋପ ଓ ଜୋ ରୁଟ୍ ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ସତର୍କତାର ସହ ବ୍ୟାଟିଂ କରି ୧୦୯ ରନ ଯୋଡ଼ିଥିଲେ। ୧୫୩ ରନ ସ୍କୋରରେ ଓଲି ପୋପଙ୍କୁ ଆଉଟ୍ କରିଥିଲେ ଜାଡ଼େଜା। ପୋପ ୪୪ ରନ କରି ପାଭିଲିୟନ ଫେରିଥିଲେ ।ହାରି ବ୍ରୁକ(୧୧ ରନ)ଙ୍କୁ କ୍ଲିନ ବୋଲ୍ଡ କରି ଭାରତକୁ ଚତୁର୍ଥ ସଫଳତା ଦେଇଥିଲେ ବୁମରା ।

ଜୋ ରୁଟ୍ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିବା ସହ ବେନ ଷ୍ଟୋକ୍ସଙ୍କ ସହ ପ୍ରଥମ ଦିନରେ ଦଳର ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ରୁଟ୍ ଅର୍ଦ୍ଧଶତକ ହାସଲ କରି ଶତକର ଦ୍ୱାର ଦେଶରେ ପହ□ଛନ୍ତି। ରୁଟ୍ ଓ ଷ୍ଟୋକ୍ସ ଅବିଭାଜିତ ପ□ମ ୱିକେଟ୍ ୭୯ ରନ ଯୋଡ଼ିଛନ୍ତି ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଇଂଲଣ୍ଡ ୪ ୱିକେଟ୍ ହରାଇ ୨୫୧ ରନ କରିଛି। ରୁଟ୍ ୯ ଚୌକା ସହ ୯୯ ରନ ଓ ବେନ ଷ୍ଟୋକ୍ସ ୩୯ ରନରେ ଅପରାଜିତ ଅଛନ୍ତି।ଭାରତ ପକ୍ଷରୁ ନୀତିଶ ରେଡ୍ଡୀ ୨ଟି ୱିକେଟ୍ ନେଇଥିବା ବେଳେ ବୁମରା ଓ ଜାଡେଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି ।

ଲର୍ଡ୍ସ ଟେଷ୍ଟରେ ଯୁବ ଫାଷ୍ଟ ବୋଲର ନୀତୀଶ ରେଡ୍ଡୀ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି।୨୦୦୬ ପରେ ଟେଷ୍ଟ କ୍ରିକେଟରେ ନିଜ ପ୍ରଥମ ଓଭରରେ ଦୁଇଟି ୱିକେଟ୍ ନେବାରେ ଦ୍ୱିତୀୟ ଭାରତୀୟ ଫାଷ୍ଟ ବୋଲର ହୋଇଛନ୍ତି। ତାଙ୍କ ପୂର୍ବରୁ ଇରଫାନ୍ ପଠାନ ୨୦୦୬ରେ କରାଚୀ ଟେଷ୍ଟରେ ପ୍ରଥମ ଓଭରରେ ହିଁ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ନେଇ କୀର୍ତ୍ତିମାନ ସ୍ଥାପନ କରିଥିଲେ । ଏବେ ୧୮ ବର୍ଷ ପରେ ନୀତୀଶ ରେଡ୍ଡୀ ଲର୍ଡ୍ସର ମୈଦାନରେ ଏହି ଦୁର୍ଲଭ ଉପଲବ୍ଧି ହାସଲ କରିଛନ୍ତି ।

## ଟେନିସ୍ ପ୍ଲେୟାର ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା, ଅଭିଯୁକ୍ତ ବାପା ଗିରଫ





ନୂଆଦିଲ୍ଲୀ,୧୦।୭: ଟେନିସ୍ ପ୍ଲେୟାର ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା। ରାଧିକାଙ୍କୁ ଗୁରଗ୍ରାମ୍‌ର ସୁଶାନ୍ତ ଲୋକ-୨ ସ୍ଥିତ ଇ-୧୫୭ ବାସଭବନରେ ହତ୍ୟା କରାଯାଇଛି। ରାଧିକାଙ୍କୁ ଗୁଳି ମାରିଥିବା ବ୍ୟକ୍ତି ଆଉ କେହି ନୁହେଁ ସେ ହେଉଛନ୍ତି। ତାଙ୍କ ବାପା ରାଧିକାଙ୍କ ବାପା ଲାଇସେନ୍ସ ରିଭଲଭରୁ ନିଜ ଝିଅକୁ ୩ ରାଉଣ୍ଡ ଗୁଳିମାରିଥିଲେ। ଗୁରଗ୍ରାମ ପୋଲିସ ଅଭିଯୁକ୍ତଙ୍କୁ କଷ୍ଟଡିରେ ନେଇଥିବା ବେଳେ ମାମଲାର ତଦନ୍ତ ଆରମ୍ଭ କରିଛି ।୨୫ ବର୍ଷୀୟ ରାଧିକା ଅନ୍ତର୍ଜାତୀୟ ସ୍ତରରେ ଜଣେ ଟେନିସ୍ ଖେଳାଳି ଭାବରେ ଭାରତକୁ ପ୍ରତିନିଧିତ୍ୱ କରୁଥିଲେ। ଡବଲ୍ସ ଟେନିସ୍ ପ୍ଲେୟାର ରାଙ୍କିଙ୍ଗରେ ସେ ୧୧୩ ତମ ସ୍ଥାନରେ ଥିଲେ। ଆଇଟିଏଫ୍ ଡବଲସରେ ଟପ୍ ୨୦୦ ରେ ରାଧିକଙ୍କ ବେଷ୍ଟ ରାଙ୍କିଙ୍ଗ ଥିଲା। ସେ ଦେଶର ଜଣେ ଉଦୀୟମାନ ଖେଳାଳି ଥିଲେ, କିନ୍ତୁ ତାଙ୍କ ବାପା ଦୀପକ ଯାଦବ ଟେନିସ୍ ଯାତ୍ରା ଆଗକୁ ଆହୁରି ବଢିବା ପୂର୍ବରୁ ହତ୍ୟା କରିଛନ୍ତି ଦୀପକ ପେଶାରେ ଜଣେ ପ୍ରପର୍ଟି ଡିଲର।ରାଧିକା ନିକଟରେ ସେହି ଅ□ଳରେ ଏକ ଟେନିସ୍ କୋଚିଂ ଏକାଡେମୀ ଆରମ୍ଭ କରିଥିଲେ। ସେଠାରେ ଅନେକ ଯୁବକ ଏବଂ ଯୁବତୀ କୋଚିଂ ନେବାକୁ ଆସୁଥିଲେ। ପୋଲିସର କହିବା ଅନୁଯାୟୀ, ଦୀପକ ତାଙ୍କ ଝିଅ ରାଧିକାକୁ ଏହି ଏକାଡେମୀ ବନ୍ଦ କରିବା ପାଇଁ ଚାପ ଦେଉଥିଲେ, କିନ୍ତୁ ରାଧିକା ମନା କରୁଥିଲେ। ଆଜି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଏତେ ତୀବ୍ର ହୋଇଗଲା ଯେ ଦୀପକ ରାଗିଯାଇ ରାଧିକାକୁ ଗୁଳି କରିଥିଲେ।

## ଶ୍ରୀଲଙ୍କା ବିପକ୍ଷ ସିରିଜରେ ଖେଳିବେ କୋହଲି-ରୋହିତ !



ନୂଆଦିଲ୍ଲୀ,୧୦।୭: ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜ ଖେଳୁଛି। କିନ୍ତୁ ଆସନ୍ତା ମାସରେ ଦଳ ଏକ ସିରିଜ ଖେଳିବ, ଯେଉଁଥିରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ଦେଖିବାକୁ ମିଳିବ। ଏହି ଦିନକିଆ ସିରିଜ ଶ୍ରୀଲଙ୍କା ବିରୁଦ୍ଧରେ ଖେଳାଯିବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ସିରିଜ ପାଇଁ ବିସିସିଆଇ ଏବଂ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି ଯଦି ସବୁକିଛି ଠିକ ରୁହେ, ତେବେ ଟିମ ଇଣ୍ଡିଆ। ଏବଂ ଶ୍ରୀଲଙ୍କା ମଧ୍ୟରେ ତିନୋଟି ଦିନିକିଆ ଏବଂ ତିନୋଟି ୨୦ ମ୍ୟାଚ୍ ଖେଳାଯିବ। ରୋହିତ ଏବଂ ବିରାଟ ଉଭୟଙ୍କୁ ଏହି ସିରିଜ ରେ ଖେଳିବାର ଦେଖାଯିବ। କାରଣ ଉଭୟ ଏବେ କେବଳ ଫର୍ମାଟ ଖେଳୁଛନ୍ତି ଦୁହେଁ ଟି୨୦ ଏବଂ ଟେଷ୍ଟରୁ ଅବସର ନେଇସାରିଛନ୍ତି।

ଭାରତ ଅଗଷ୍ଟରେ ବାଂଲାଦେଶ ବିପକ୍ଷରେ ସିରିଜ ଖେଳିଥାନ୍ତା, କିନ୍ତୁ ନିକଟରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ଯୋଗୁ ଏହି ସିରିଜ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ଭାରତୀୟ ଦଳ ପାଇଁ ଅଗଷ୍ଟ କ୍ୟାଲେଣ୍ଡର ଖାଲି ଅଛି ଏବଂ ଏକ ଛୋଟ ସିରିଜ ଖୋଜୁଛି। ଶ୍ରୀଲଙ୍କାର ଅଗଷ୍ଟ କାର୍ଯ୍ୟସୂଚୀ ଖାଲି ପଡ଼ିଛି।ଏଣୁ ଉଭୟ ଦେଶ ମଧ୍ୟରେ ସିରିଜ ଖେଳାଯିବାର ସମ୍ଭାବନା ରହିଛି।

ଭାରତ-ଶ୍ରୀଲଙ୍କା ସିରିଜ ପାଇଁ ତାରିଖ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, କିନ୍ତୁ ଏହା ଅଗଷ୍ଟ ମଧ୍ୟଭାଗରେ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି। କାରଣ ଶ୍ରୀଲଙ୍କା ଅଗଷ୍ଟ ୨୯ ରୁ ଜିମ୍ବାୱେ ଗସ୍ତ କରିବାକୁ ଯାଉଛି। ଭାରତ ଏବଂ ଶ୍ରୀଲଙ୍କା ଶେଷ ଥର ପାଇଁ ଜୁଲାଇ ୨୦୨୪ ରେ ଖେଳିଥିଲେ, ଯାହା ଭାରତର ମୁଖ୍ୟ ପ୍ରଶିକ୍ଷକ ଭାବରେ ଗୌତମ ଗମ୍ଭୀରଙ୍କ ପ୍ରଥମ କାର୍ଯ୍ୟ ଥିଲା। ସେହି ସିରିଜ ରେ ଭାରତ ଟି୨୦ ସିରିଜ ଜିତିଥିଲା, ଯେତେବେଳେ ଶ୍ରୀଲଙ୍କା ଦିନିକିଆ। ସିରିଜରେ ଭାରତକୁ ପରାସ୍ତ କରିଥିଲା।

## ରେଲୱେ ବିଭାଗରେ କାମ କରିବେ ସୁଶୀଲ

ନୂଆଦିଲ୍ଲୀ.୧୦।୬: ଦେଶର ପ୍ରସିଦ୍ଧ କୁସ୍ତିଯୋଦ୍ଧା ତଥା ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ଜାମିନରେ ତିହାର ଜେଲରୁ ବାହାରକୁ ଆସିଛନ୍ତି ଦିଲ୍ଲୀ ହାଇକୋର୍ଟ ବିନା କାରଣରେ ମାମଲା ଦୀର୍ଘ ଦିନ ଧରି ଚାଲୁଥିବାରୁ ସୁଶୀଲଙ୍କୁ ଜାମିନ ଦେଇଥିଲେ।

ଜେଲରୁ ବାହାରିବା ପରେ ସୁଶୀଲ କୁମାର ଏବେ କ'ଣ କରୁଛନ୍ତି, ସେ ଚାକିରି କରିବେ କି ନାହିଁ ତାଙ୍କୁ କେଉଁ ବିଭାଗରେ ଚାକିରି ମିଳିବ ଏନେଇ ଲୋକଙ୍କ ମନରେ ଅନେକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ରେଳବାଇ ପକ୍ଷରୁ ପ୍ରକାଶ କି ସୁଶୀଲ କୁମାର ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କ ଦାୟିତ୍ୱ ତୁଲାଇ ପାରିବେ। ଏଥିରେ କୌଣସି ଅସୁବିଧା ନାହିଁ ।ସୁଶୀଲ ଉତ୍ତର ରେଲୱେରେ କମର୍ସିୟାଲ ମ୍ୟାନେଜର ପଦରେ ନିଯୁକ୍ତ ଅଛନ୍ତି । ସେ ଏହି ବିଭାଗରେ କାମ କରି ତାଙ୍କ ସେବା ପ୍ରଦାନ କରିବେ। ଦିଲ୍ଲୀ ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜୁନିଅର ଜାତୀୟ କୁସ୍ତି ଚାମ୍ପିଅନ ସାଗର ଧନଖଡ଼ଙ୍କ ସହିତ ଏକ ସମ୍ପତ୍ତି ବିବାଦକୁ ସୁଶୀଲ କୁମାରଙ୍କ ଝଗଡ଼ା ହୋଇଥିଲା। ଏହି ସମୟରେ ସୁଶୀଲ ଧନଖଡ଼ଙ୍କ ଉପରେ ଆକ୍ରମଣ କରିଥିଲେ। ସୁଶୀଲଙ୍କ ଆକ୍ରମଣରେ ଧନଖଡ଼ଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ଘଟଣାର ସଙ୍ଗେସଙ୍ଗେ ପୁଲିସ ସୁଶୀଲଙ୍କୁ ଗିରଫ କରି ନେଇଥିଲା ଦୀର୍ଘ ଦିନ ଧରି ଜେଲରେ ଥିବା ସୁଶୀଲ କୁମାରଙ୍କୁ ସମ୍ପ୍ରତି ଆଶ୍ୱସ୍ତି ମିଳିଛି ।

## କରୁଣ ନାୟାରଙ୍କ ପାଇଁ ଅଗ୍ନି ପରୀକ୍ଷା



ନୂଆଦିଲ୍ଲୀ,୧୦।୭: ଭାରତୀୟ କ୍ରିକେଟର କରୁଣ ନାୟାରଙ୍କ ପାଇଁ ଲର୍ଡସ୍‌ରେ ଆଜି ଆରମ୍ଭ ହେଉଥିବା ତୃତୀୟ ଟେଷ୍ଟ ମ୍ୟାଚ୍ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ୨୦୨୨ ଡିସେମ୍ବରରେ ନାୟାର ତାଙ୍କ ଏକ୍ସ ଆକାଉଣ୍ଟରେ ଲେଖିଥିଲେ, ପ୍ରିୟ କ୍ରିକେଟ, ମୋତେ ଆଉ ଏକ ସୁଯୋଗ ଦିଅ ୩୩ ବର୍ଷୀୟ ଏହି ବ୍ୟାଟର ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ ପରେ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଗସ୍ତରେ ଏକ ଟୁର୍ ମ୍ୟାଚରେ ଦୁଇଶତକ ସହ ନିଜର ଦାବିଦାରୀକୁ ଆହୁରି ସୁଦୃଢ଼ କରିଥିଲେ।

କିନ୍ତୁ, ପ୍ରଥମ ଟେଷ୍ଟରେ ନାୟାର ମାତ୍ର ୪ ବଲରେ ଶୂନ୍ୟ ରନରେ ଆଉଟ ହୋଇଥିଲେ ଓ ଦ୍ୱିତୀୟ ଇନିଂସରେ ୫୪ ବଲରେ ୨୦ ରନ କରି ନିରାଶ କରିଥିଲେ। ଦ୍ୱିତୀୟ ଟେଷ୍ଟରେ ମଧ୍ୟ ସେ ପ୍ରଥମ ଇନିଂସରେ ୩୧ ଓ ଦ୍ୱିତୀୟ ଇନିଂସରେ ୨୬ ରନ କରି ବ୍ରାଇଡନ କାର୍ସଙ୍କ ବାଉନ୍ସରରେ ଆଉଟ ହୋଇଥିଲେ। ଏହି ନିରାଶାଜନକ ପ୍ରଦର୍ଶନ ପରେ ସୋସିଆଲ ମିଡିଆରେ ତାଙ୍କୁ ତୀବ୍ର ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି।

୨୦୨୪-୨୫ ରଣଜୀ ଟ୍ରଫିରେ ନାୟାର ବିଦର୍ଭ ପାଇଁ ୧୬ ଇନିଂସରେ ୮୬୩ ରନ କରି ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ସହ ଚତୁର୍ଥ ସର୍ବାଧିକ ରନ ସଂଗ୍ରହକାରୀ ଥିଲେ। ବିଜୟ ହଜାରେ ଟ୍ରଫିରେ ସେ ୮ ଇନିଂସରେ ୭୭୯ ରନ କରି ୩୮୯.୫୦ ହାରାହାରି ଓ ୧୨୪.୦୪ ଷ୍ଟ୍ରାଇକ ରେଟରେ ୫ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ।

ଲର୍ଡସ୍‌ରେ ତୃତୀୟ ଟେଷ୍ଟରେ ନାୟାରଙ୍କ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସୁଯୋଗ ଅଭିମନ୍ୟୁ ଈଶ୍ୱରନ ଓ ସାଇ ସୁଦର୍ଶନ ଭଳି ଯୁବ ଖେଳାଳି ବେ□ରେ ଅପେକ୍ଷା କରୁଥିବା ବେଳେ ନାୟାରଙ୍କ ପାଇଁ ଏହା ନିଜର ଦକ୍ଷତା ପ୍ରମାଣ କରିବାର ଶେଷ ସୁଯୋଗ ହୋଇପାରେ। ଦଳ ପରିଚାଳନା ତାଙ୍କୁ ସମର୍ଥନ କରିଥିଲେ ମଧ୍ୟ, କମ୍ ସ୍କୋର ଯୋଗୁଁ ତାଙ୍କ ସ୍ଥାନ ଉପରେ ପ୍ରଶ୍ନ ଉଠୁଛି।

ଲର୍ଡସ୍ ଅନେକ ଖେଳାଳିଙ୍କ ପାଇଁ ସୌଭାଗ୍ୟ ଆଣିଛି ନାୟାରଙ୍କୁ ଏହି ଐତିହାସିକ ମ□ରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରି ଭାରତକୁ ସିରିଜରେ ଆଗୁଆ। କରିବା ସହ ନିଜ କ୍ୟାରିୟରକୁ ନୂଆ। ଦିଗ ଦେବାକୁ ହେବ ଅନ୍ୟଥା, ତାଙ୍କ ଦ୍ୱିତୀୟ ସୁଯୋଗର ସମୟ ଶେଷ ହୋଇପାରେ।

## ଘଣ୍ଟି ବଜାଇ ମ୍ୟାଚ ଶୁଭାରମ୍ଭ କଲେ ସଚିନ



ଲର୍ଡସ,୧୦।୭:କ୍ରିକେଟର ମକ୍କା ଲର୍ଡସରେ ଭାରତ-ଇଂଲଣ୍ଡ ଟେଷ୍ଟର ବହୁ ଚର୍ଚ୍ଚିତ ମ୍ୟାଚ ମାଷ୍ଟର-ବ୍ଲାଷ୍ଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ସଚିନ ତେନ୍ଦୁଲକର ଏକ ଇଂରାଜୀ ଚେକ ବ୍ଲେଜର ଏବଂ ଟାଇ ପିନ୍ଧି ଲର୍ଡସ ପାଭିଲିୟନର ବୋଲର୍ସ ବାର୍‌କୁ ଆସି ଘଣ୍ଟି ବଜାଇ ଲର୍ଡସର ପରମ୍ପରାରେ ସୌଜନ୍ୟର ଆଉ ଏକ ପୃଷ୍ଠା ଯୋଡିଥିଲେ। ଯଦିଓ ଲର୍ଡସ ଟେଷ୍ଟର ଇତିହାସ ୧୪୧ ବର୍ଷ ପୁରୁଣା, ଘଣ୍ଟି ବଜାଇବାର ପରମ୍ପରା ମାତ୍ର ୧୮ବର୍ଷ ପୂର୍ବରୁ ୨୦୦୭ ମସିହାରେ ଆରମ୍ଭ ହୋଇଥିଲା।

ସାର୍ ଭିଭିଆନ ରିଚାର୍ଡସ ପ୍ରଥମେ ୨୦୦୭ ମସିହାରେ ଘଣ୍ଟି ବଜାଇ ଏହି ପରମ୍ପରା ଆରମ୍ଭ କରିଥିଲେ। ଏହା ପରେ, ସୁନୀଲ ଗାଭାସ୍କର ଏହି ତାଲିକାରେ ସାମିଲ ହେବାରେ ପ୍ରଥମ ଭାରତୀୟ ନାମ ହୋଇଥିଲେ। ପୂର୍ବରୁ, ସଚିନ ତେନ୍ଦୁଲକରଙ୍କୁ ୭ ବର୍ଷ ପୂର୍ବେ ୨୦୧୮ରେ ଘଣ୍ଟି ବଜାଇବାକୁ ନିମନ୍ତ୍ରଣ କରାଯାଇଥିଲା।

୨୦୨୫ରେ ଆରମ୍ଭ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ପୁଣି ଥରେ ଲର୍ଡସ ଘଣ୍ଟି ବଜାଇବାର ଗୌରବ ମିଳିଛି। ପୂର୍ବତନ ଅଧିନାୟକ ଏବଂ ପ୍ରଶିକ୍ଷକ ରବି ଶାସ୍ତ୍ରୀ ମଧ୍ୟ ୨୦୧୮ରେ ଏହି ସମ୍ମାନ ପାଇଛନ୍ତି। ଟେଷ୍ଟ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ପ୍ରତିଦିନ ଜଣେ କିମ୍ବଦନ୍ତୀ ଖେଳାଳିଙ୍କୁ ଏହି ସୁଯୋଗ ଦିଆଯିବା ମଧ୍ୟ ବିଶେଷ।।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ ସମୟରେ ଗୁରୁବାର ଲର୍ଡସ ସ୍ଥିତ ଏମସିସି ସଂଗ୍ରହାଳୟରେ ମହାନ ସଚିନ ତେନ୍ଦୁଲକରଙ୍କ ଏକ ଚିତ୍ର ମଧ୍ୟ ଉନ୍ମୋଚିତ ହୋଇଥିଲା ।ଏହା ଷ୍ଟୁଆର୍ଟ ପିଅର୍ସନ ରାଇଟ ୧୮ ବର୍ଷ ପୂର୍ବେ ତାଙ୍କ ଘରେ ନିଆଯାଇଥିବା ଏକ ଫଟୋଗ୍ରାଫରୁ ତିଆରି କରିଛନ୍ତି। ଏହା ବର୍ଷର ଶେଷ ପର୍ଯ୍ୟନ୍ତ ସଂଗ୍ରହାଳୟରେ ଏମସିସି ରହିବ ଏବଂ ତାପରେ ଏହାକୁ ପାଭିଲିୟନକୁ ସ୍ଥାନାନ୍ତର କରାଯିବ।

ଏହା ମଧ୍ୟ ଆଶ୍ଚର୍ଯ୍ୟଜନକ ଯେ, ସେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି। କିନ୍ତୁ ଲର୍ଡସ ଟେଷ୍ଟରେ ତାଙ୍କ ନାମ ନାହିଁ ତଥାପି, ୧୯୯୮ ମସିହାରେ, ପ୍ରିନ୍ସେସ ଅଫ ୱେଲ୍ସ ମେମୋରିଆଲ ଚାରିଟି ମ୍ୟାଚ୍‌ରେ, ସଚିନ ବିଶ୍ୱର ସମସ୍ତ ଦଳ ପକ୍ଷରୁ ବିପକ୍ଷରେ ଏକ ୫୦-୫୦ ଓଭର ମ୍ୟାଚ୍‌ରେ ୧୨୫ ରନ୍‌ର ଇନିଂସ ଖେଳି ନିଜ ଉପରୁ ଏହି ବୋଝ ଦୂର କରିଥିଲେ।ଟେଷ୍ଟ ମ୍ୟାଚ୍‌ରେ ୫୧ ଶତକର ମାଲିକ ଲର୍ଡସ୍‌ରେ ଏକ ଟେଷ୍ଟରେ ସର୍ବାଧିକ ୩୭ ରନ କରିଛନ୍ତି। ସଚିନ ଲର୍ଡସ୍‌ରେ ୫ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି।

## ସୁପରଷ୍ଟାର ପାଲଟିଲେ ବୈଭବ ସୂର୍ଯ୍ୟବଂଶୀ

### ୬ ଘଣ୍ଟା ଡ୍ରାଇଭ କରି କ୍ରିକେଟରଙ୍କୁ ଭେଟିବାକୁ ପହ□ଲେ ୨ ଯୁବତୀ



ନୂଆଦିଲ୍ଲୀ,୧୦।୭: ସୋସିଆଲ ମିଡିଆ ଦୁନିଆରେ ଲୋକମାନେ ରାତାରାତି ସୁପରଷ୍ଟାର ହେବାର ଦେଖାଯାଇଛି, କିନ୍ତୁ କେତେକ ଲୋକ ଅଛନ୍ତି। ଯେଉଁମାନେ ନିଜ କଠିନ ପରିଶ୍ରମ ବଳରେ ଦୁନିଆରେ ନିଜର ସ୍ୱତନ୍ତ୍ର ଛାପ ସୃଷ୍ଟି କରନ୍ତି

ଏହା କ୍ରିକେଟ ଦୁନିଆରେ ମଧ୍ୟ ଦେଖାଯାଏ। ଆଜିକାଲି ଏପରି ଏକ ନାମ ଅଛି ଯାହା ବିଷୟରେ ବହୁତ ଆଲୋଚନା ହେଉଛି। ସେ ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ, ଯାହାଙ୍କ ଫ୍ୟାନ ଫଲୋଇଂ ପ୍ରତିଦିନ ବୃଦ୍ଧି ପାଉଛି।ଆଇପିଏଲ ୨୦୨୫ରେ ରାଜସ୍ଥାନ ରୟାଲ୍ସ (ଆରଆର ପ୍ଲେୟାର ବୈଭବ ସୂର୍ଯ୍ୟବଂଶୀ) ପାଇଁ ବ୍ୟାଟରେ ନିଜର ଦକ୍ଷତା ଦେଖାଇଥିବା ବୈଭବ ଇଂଲଣ୍ଡରେ ମଧ୍ୟ ନିଜର ଭିନ୍ନ ଛାପ ସୃଷ୍ଟି କରିଥିଲେ।

ସମ୍ପ୍ରତି, ଏକ ଆକର୍ଷଣୀୟ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଦୁଇ ଝିଅ ଇଂଲଣ୍ଡରେ ତାଙ୍କୁ ଭେଟିବା ପାଇଁ ପାଗଳ ହୋଇଯାଇଥିଲେ ଏବଂ ଜଣେ ପ୍ରଶଂସକ ତାଙ୍କୁ ଭେଟିବା ପାଇଁ ୬ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଲାଇଥିଲେ। ବର୍ତ୍ତମାନ ତାଙ୍କର ଫଟୋ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ରାଜସ୍ଥାନ ରୟାଲ୍ସ ତାଙ୍କ ପୂର୍ବତନ ପ୍ରେମିକାଙ୍କ ଉପରେ ଏକ ପୋଷ୍ଟ ଶେୟାର କରିଛି, ଯେଉଁଥିରେ ସେ କ୍ୟାପଶନରେ ଲେଖିଛନ୍ତି ଯେ ଏହା ପ୍ରମାଣ କରେ ଯେ ଆମର ଭଲ ପ୍ରଶଂସକ କାହିଁକି ଅଛନ୍ତି। ଜଣେ ୱାର୍ସେଷ୍ଟରରୁ ୬ଘଣ୍ଟା ଗାଡ଼ି ଚଲାଇଥିଲେ। ଗୋଲାପୀ ଜର୍ସି ପିନ୍ଧି ଟିମ ଇଣ୍ଡିଆ ଏବଂ ବୈଭବ (ବୈଭବ ସୂର୍ଯ୍ୟବଂଶୀ) ପାଇଁ ଉତ୍ସାହିତ ହୋଇଥିଲି। ଅନାୟା, ରିଭା ଏବଂ ବୈଭବଙ୍କ ପାଇଁ ଏକ ସ୍ମରଣୀୟ ଦିନ। ବୈଭବଙ୍କ ସହିତ ଏହି ଝିଅମାନଙ୍କର ଫଟୋ ଇଣ୍ଟରନେଟରେ ଭାଇରାଲ ହେଉଛି।

## ୪୧ ବର୍ଷରେ ଅମ୍ପାୟରଙ୍କ ପରଲୋକ

ନୂଆଦିଲ୍ଲୀ,୧୦।୭: ଆଇସିସି ଅମ୍ପାୟର ପ୍ୟାନେଲର ସଦସ୍ୟ ବିସମିଲ୍ଲାହ ଜନ୍ ଶିନାରୀଙ୍କ ପରଲୋକ ହୋଇଛି। ମାତ୍ର ୪୧ ବର୍ଷ ବୟସରେ ବିସମିଲ୍ଲାହଙ୍କ ନିଧନ ଘଟିଛି । ଏ ଖବରକୁ ନେଇ କ୍ରିକେଟ ଜଗତରେ ଶୋକର ଛାୟା ଖେଳିଯାଇଛି।କିଛି ଦିନ ତଳେ ବିସମିଲ୍ଲାହଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିଲା। ପାକିସ୍ତାନର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହାପରେ ମେଦବହୁଳତା କମାଇବାର ଏକ ଅସ୍ତ୍ରୋପଚାର କରିଥିଲେ। ସର୍ଜରୀ ପରେ ପରେ ତାଙ୍କର ବିୟୋଗ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଓ ଆଫଗାନିସ୍ତାନ କ୍ରିକେଟ୍ ବିସମିଲ୍ଲାହଙ୍କ ବିୟୋଗରେ ଶୋକ ପ୍ରକାଶ କରିଛି।ବିସମିଲ୍ଲାହଙ୍କ ଭାଇଙ୍କ ସୂଚନା ଅନୁସାରେ, ସେ ଅସୁସ୍ଥତା କାରଣରୁ ପାକିସ୍ତାନର ପେଶାର ଯାଇଥିଲେ ମେଦବହୁଳତା କମାଇବାକୁ ଏକ ସର୍ଜରୀ କରିଥିଲେ କିଛି ଦିନ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସର୍ଜରୀ ହେଲା କିନ୍ତୁ ଦୁର୍ଭାଗ୍ୟବସତଃ ଅପରେସନ୍ ପରେ ତାଙ୍କର ନିଧନ ହୋଇଛି।ଆଫଗାନିସ୍ତାନ କ୍ରିକେଟ ବୋର୍ଡ ଶୋକବ୍ୟକ୍ତ କରି କହିଛି, ''ଏସିବି ନେତୃ, କର୍ମଚାରୀ ବିସମିଲ୍ଲାହ ଜାନ୍‌ଙ୍କ (୧୯୮୪-୨୦୨୫) ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଛି। ସେ ଆଫଗାନିସ୍ତାନ କ୍ରିକେଟର ଜଣେ ମହାନ୍ ସେବକ ଥିଲେ। ଏ ଦୁଃଖ ସମୟରେ ତାଙ୍କ ପରିବାରକୁ ଆଲ୍ଲା ଶକ୍ତି ଦିଅନ୍ତୁ ବିସମିଲ୍ଲାହ ସର୍ବଦା ଆମ ହୃଦୟରେ ରହିବେ।ଆଫଗାନିସ୍ତାନର ବିସମିଲ୍ଲାହ ୩୪ଟି ଦିନିକିଆ, ୨୬ଟି ଟି-ଟ୍ୱେଣ୍ଟି, ୩୧ଟି ଫାଷ୍ଟକ୍ଲାସ, ୫୧ ଲିଷ୍ଟ ଏ ଏବଂ ୯୬ଟି ଘରୋଇ ଟି-୨୦ ମ୍ୟାଚରେ ଅମ୍ପାୟାରିଂ କରିଥିଲେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଅନୁଯାୟୀ, ଡିସେମ୍ବର ୨୦୧୭ରେ ଜଣେ ଅମ୍ପାୟାର ଭାବରେ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ ହୋଇଥିଲା। ସାରଜାହରେ ଆଫଗାନିସ୍ତାନ ଏବଂ ଆୟରଲ୍ୟାଣ୍ଡ ମଧ୍ୟରେ ଏକ ଦିନିକିଆ। ମ୍ୟାଚ୍ ପରିଚାଳନା କରିଥିଲେ ଶିନାରୀଙ୍କ ଅନ୍ତିମ ସଂସ୍କାର ନାଙ୍ଗରହାର ପ୍ରଦେଶର ଅଚିନରେ ହୋଇଥିଲା ଆଫଗାନିସ୍ତାନ ନ୍ୟୁଜ ରିପୋର୍ଟ ଅନୁସାରେ ତାଙ୍କର ତାଙ୍କର ୫ ପୁଅ ଏବଂ ୭ ଝିଅ ଅଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ